Digitized by srujanika@gmail.com

ନରମଣି

ପ୍ରଥମ ଭାଗ

ଲେଖକ—ଶ୍ରୀ ଚନ୍ଦ୍ରମଣି ଦାସ

ପ୍ରକାଶକ—ଶ୍ରୀ ଅରକ୍ଷିତ ଦାସ

ପଞ୍ଚମ ସଂସ୍କରଣ—୧୯୬୯

ପ୍ରକାଶକଙ୍କ ଦ୍ୱାରା ସର୍ବସ୍ୱତ୍ତ୍ୱ ସଂରକ୍ଷିତ

—: ପ୍ରାପ୍ତିସ୍ଥାନ :—
ଦାଶରଥି ପୁସ୍ତକାଳୟ
ବାଲୁବଜାର କଟକ
[illegible]

[illegible]

Digitized by srujanika@gmail.com

ମଧୁମଲୀ

ପ୍ରଥମ ଭାଗ

ପୂଜାର ଗହଳ ଚହଳ ଭାଙ୍ଗିଗଲା । ସ୍କୁଲ୍ କଲେଜ ସବୁ ବନ୍ଦ ଥିବାରୁ କଟକ ସହରଟା ବଡ଼ ନିଶୂନ ଲାଗୁଛି । କଲେଜ ଖୋଲିବାକୁ ବି ଆଉରି ପନ୍ଦର ଦିନ ।

ପ୍ରାଣଧନ ବାବୁ କଟକର ନାମଜାଦା ଓକିଲ୍, ଜମିଦାର ବି । କାଠଯୋଡ଼ି କୂଳରେ ମସ୍ତବଡ଼ ଦୋ'ତାଲା କୋଠା । ପାଖକୁ ଲାଗି ମଟରକାର, ମଟର ରହିବା ପାଇଁ ଘର । ଆଗରେ ଫୁଲ ବଗିଚା । ସବୁ ସମୟରେ ଦେଶୀ ବିଲାତି ଫୁଲ ଗଛରେ ଫୁଲ ଫୁଟିବା ବନ୍ଦ ନ ଥାଏ । ତାରି ମଝିରେ ଟିକିଏ ଛଡ଼ା ଛଡ଼ି ଦୁଇଟି ଝଙ୍ଗମଲମଲ ପଥରର ବେଞ୍ଚ । ତାରି ଉପରେ ପ୍ରାଣଧନ ବାବୁ କେବେ ବନ୍ଧୁମାନଙ୍କ ସହିତ, କେବେ ବା ଝିଅ ପୁଅ ମାନଙ୍କ ସହିତ ପାଞ୍ଚଟା ବେଳେ ବସି କାଠଯୋଡ଼ିର ଶୀତଳ ପବନ ଖାଆନ୍ତି ।

ବାବୁଙ୍କ ବୟସ ଚାଳିଶ୍‌ରୁ ବେଶୀ ନୁହେଁ । ଦେଖିବାକୁ ସୁନ୍ଦର, ବେଶ୍ ହୃଷ୍ଟପୁଷ୍ଟ । ତେବେ ସ୍ତ୍ରୀ ମରିଯିବାରୁ ଦୁଇବର୍ଷ ହେଲା ତାଙ୍କ ମନରେ ଯେଉଁ କଷ୍ଟ ଥିଲା, ତାହା ଏବେ ଆଉ ନାହିଁ । ଅନେକ ବନ୍ଧୁଙ୍କ ଅନୁରୋଧରେ ପ୍ରାଣଧନ ବାବୁ ଏଇ ଛ' ମାସ ହେବ ଗୋଟିଏ ସୁନ୍ଦରୀ ଯୁବତୀର ହାତ ଧରିଛନ୍ତି ।

Digitized by srujanika@gmail.com

ଆଗ ସ୍ତ୍ରୀଙ୍କର ଦୁଇଟି ଝିଅ ଓ ପୁଅଟିଏ । ବଡ଼ଝିଅ ଊର୍ମିଳା ବିବାହ ହେବାର ଛଅମାସ ପରେ ବିଧବା ହୋଇ ପ୍ରାଣଧନ ବାବୁଙ୍କ ପାଖରେ ଆସି ରହୁଛି । ସାନଝିଅ ରାଜରାଣୀ, ତାକ ନାମ ଟୁନି··· ବାଳିକା ସ୍କୁଲରେ ପଢ଼େ । ପୁଅ ରମାନାଥ ଏଇବର୍ଷ କଲେଜରେ ନାମ ଲେଖାଇଛି । ତା ଛଡ଼ା ଘରେ ପୂଝାରି, ଚାକର, ମଟର-ଡ୍ରାଇଭର ମିଶି ପାଞ୍ଚ ଛଅ ଜଣ ହେବେ ।

ପ୍ରାଣଧନ ବାବୁ ବିବାହ ହେଲା ଦିନୁ, ତାଙ୍କର ପୋଷାକ-ପତର, ଚାଲି ଚଳନ ସବୁ ବଦଳି ଯାଇଛି । ଯୁବତୀ ସ୍ତ୍ରୀର ମନ ସନ୍ତୁଷ୍ଟ କରିବା ପାଇଁ ତାଙ୍କର ପୁରୁଣା ମନରେ ନୂଆ ଭାବ ଆସିଛି ।

× × × ×

ଦେଖା ପାଣିରେ ପଡ଼ିବାର ଦୁଇଦିନ ପରେ । ପାଞ୍ଚଟା ବେଳେ ପ୍ରାଣଧନ ବାବୁ ଜଳଖିଆ ଖାଇସାରି ଡାକିଲେ—"ଟୁନି ! ଟୁନି ଲୋ ! ମା ଏଠିକି ଆଇଲୁ ?" ଟୁନି ହୋଷ୍ଟେଲର ଗୋଟାଏ କଣ ଘରେ ଅଇନା ଆଗରେ ଠିଆ ହୋଇ ମୁଣ୍ଡ କୁଣ୍ଡାଉଥିଲା । ବାପା ଡାକିବାରୁ ସେମିତି ବାଳ ମୁକୁଳା କରି ପାନିଆଟା ହାତରେ ଧରି ହସ ହସ ମୁହଁରେ ଆସି କହିଲା, 'କ'ଣ ବାପା ?'

ପ୍ରାଣଧନ ବାବୁ କହିଲେ—"ଧନାକୁ ଡାକି କହ--ହୋ'ଟାଲ ଛାତ ଉପରେ ଛଅଟା ଚେୟାର ପକାଇ ଦେଇ ଆସୁ । ଆଜି ଭାରି ଗରମ ଲାଗୁଛି । ମୁଁ ଉପରକୁ ଯାଉଛି, ତୁ ତୋ ବୋଉକୁ ଡାକି ଆ ।" ଟୁନି ଧନାକୁ ଡାକ ଦେଇ ମୁଣ୍ଡ କୁଣ୍ଡାଇବାକୁ ଚାଲିଗଲା । ତର ତର କରି ଲମ୍ବା ବେଣୀଟିଏ ପାରି ବ୍ଲାଉଜଟାଏ ପିନ୍ଧି ପକାଇଲା । କଳା ଝିଅଟାଗାଡ଼ି ଖଣ୍ଡିଏ ପିନ୍ଧି ତଳ ମହଲାକୁ ଆସି ହସ ହସ ହୋଇ ଡାକିଲା—"ବୋଉ, ବେଳ ଆସି ଗଲାଣି, ଘରଟାରେ କ'ଣ କରୁଛ ?"

Digitized by srujanika@gmail.com

ପ୍ରାଣଧନ ବାବୁଙ୍କର ସ୍ତ୍ରୀ ସୁରବାଳାଙ୍କୁ ଝୁନି କି ରମାନାଥ ବୋଉ ବୋଲି ଡାକିଲେ ତାଙ୍କୁ ବଡ଼ ସଂକୋଚ ଲାଗେ । ହିସାବରେ ବୋଉ ହେଲେ ବି ବୟସରେ ଫରକ ନୁହେଁ । ଝୁନି ଅପେକ୍ଷା ସୁରବାଳା ବୟସରେ ଅତି ବଡ଼ ହେଲେ ଦୁଇ ତିନି ବରଷରୁ ବେଶୀ ହେବେ ନାହିଁ ।

ଝୁନି ସୁରବାଳାଙ୍କୁ ବୋଉ ବୋଲି ଡାକେ । ସେ ଲୋକ-ଦେଖାଣିଆକୁ ଶୁଣନ୍ତି ସିନା; କିନ୍ତୁ ଭିତରେ ସେମିତି ନୁହେଁ । ବଅସ ଲାଗିଲେ ଯୌବନର ଯେଉଁ ମହୁଆ ନିଶା ହୁଏ, ସେଥି ସମସ୍ତେ ସମାଜର ଧରା ବନ୍ଧା କଥାକୁ ମାନେ ନାହିଁ । ସୁରବାଳା ଝୁନିକୁ ଅଣ୍ଟା କରନ୍ତି, ସେ ବି ସାଙ୍ଗ ପରି କେତେ ପରିହାସ କରେ । ବେଳେ ବେଳେ ଝୁନି ବି କହେ—"ଧନ ପାଇଁ ତମ ବାପା ବୋଉ ସିନା ମୋ ବାପାଙ୍କୁ ବାହା କଲେ, ସତରେ ତମେ ଯଦି ମୋ ରମା ଭାଇଙ୍କୁ ବିବାହ ହୋଇଥାନ୍ତ, କେଡ଼େ ଭଲ ହୋଇ ଥା'ନ୍ତା ?" ସୁରବାଳା ଏ କଥା ଶୁଣି ନୀରବ ହୋଇ ଯା'ନ୍ତି । ଆଖି ସଜଳ ହୋଇ ଆସେ ।

ଝୁନି ଡାକିବାରୁ ସୁରବାଳା ଅନାଇଦେଇ କହିଲେ, "କ'ଣ କି ? ଏଇଠି ଆସି ବସ, ମୁଁ ଖଣ୍ଡେ ଚିଠି ଲେଖୁଛି ।" ଝୁନି ପଚାରିଲା, କାହା ପାଖକୁ ? ସୁରବାଳା ହସି ହସି କ'ଣ ଭାବି କହିଲେ, "ଆମ ଘରକୁ ତ, ଆଉ କାହା ପାଖକୁ ଲେଖନ୍ତି କି ?" ଝୁନି ପାଖରେ ଯାଇଁ ବସିପଡ଼ି କହିଲା, "ହଉ ତମେ ଯାହା ପାଖକୁ ଲେଖ ପଛକେ ବାପା ଛାତ ଉପରେ ଯାଇଁ ଚେୟାର ପକାଇ ବସିଲେଣି । ତମକୁ ଡାକୁଛନ୍ତି, ଆସ ।" ସୁରବାଳା କହିଲେ—"ବାକି ଗୋଟାଏ ଯୋଡ଼ାଏ ଧାଡ଼ି ଶେଷ କରି ଯାଉଛି, ତୁ ଟିକିଏ ବସ ।"

ସୁରବାଳା ଚିଠିଟା ବନ୍ଦ କରି ଭଲ ଲୁଗା ଖଣ୍ଡିଏ ପିନ୍ଧି ପକାଇଲେ । ଅଇନା ଆଗରେ ମୁଣ୍ଡ ଟିକିଏ ସଜାଡ଼ି ବାହାରିଲେ

Digitized by srujanika@gmail.com

ଆସି ଡାକଲେ 'ପୁଝାରୀ' ? ପୁଝାରୀ ଚୌକିଘରୁ ଆସି ଆଗରେ ଠିଆ ହୋଇଯାଇଁ କହିଲା—କ'ଣ ମା ? ସୁରବାଳା କହିଲେ, "ମୁଁ ଉପରେ ଅଛି । ଟୁନିଙ୍କ ମାଷ୍ଟର ବାବୁ ବାହାରକୁ ଯାଇଛନ୍ତି, ଆସିଲେ ତାଙ୍କୁ ଜଳଖିଆ ଦେବ । ଉର୍ମିଳା ଦେଈ ରଘୁବାବୁଙ୍କ ଘରକୁ ବୁଲି ଯାଇଛନ୍ତି, ଆସିଲେ ତାଙ୍କୁ ଜଳଖିଆ ଦେବ, ଆଉ ରାତିକୁ କ'ଣ ସବୁ ଦରକାର ହେବ ତାଙ୍କଠୁଁ ବୁଝି ପରିବା କାଟିବ ।" ପୁଝାରୀ କହିଲା, "ହଉ ମା, ଆପଣ ଯାଆନ୍ତୁ । ମୁଁ ସବୁ ବୁଝି କରିବି ଯେ ।"

ଦୁହିଁଜଣ ଯାକ ଚଟି ମଚ୍ ମଚ୍ କରି ପାହାଚରେ ଛାତ ଉପରକୁ ଉଠିଗଲେ । ସୁରବାଳାଙ୍କୁ ଦେଖି ପ୍ରାଣଧନବାବୁ ଟିକିଏ ମୁରୁକିହସା ମାରି କହିଲେ, "ଏତେବେଳେ ଯାଏ କ'ଣ ହେଉ-ଥିଲା—ଏଁ ?" ସୁରବାଳା କିଛି କହିଲେ ନାହିଁ, ଲାଜ ଲାଜ ହୋଇ ପାଖରେ ପଡ଼ିଥିବା ଚେୟାର ଉପରେ ବସି ପଡ଼ିଲେ । ପ୍ରାଣଧନ-ବାବୁ କେତେ ରକମ ସୁରବାଳା ସହିତ ଖୁସି ଗପ ଆରମ୍ଭ କରି ଦେଲେ । ଟୁନି ଗୁନ୍ ଗୁନ୍ ହୋଇ ଗୀତ ବୋଲି ଛାତ ଉପରେ ଏପାଖ ସେପାଖ ବୁଲି କାଠଯୋଡ଼ି କୂଳରେ ବୁଲୁଥିବା ଲୋକ-ଗହଳିକୁ ଦେଖୁଥାଏ । କେତେ ଯୁବକ ତା'ରି ଆଡ଼କୁ ଅନାଇଁ ରହୁଥାନ୍ତି । ଟୁନିର ସେଥିପ୍ରତି ଭ୍ରୂକ୍ଷେପ ନାହିଁ; ବରଂ ତା' ମନରେ ଟିକିଏ ଗର୍ବ, ଟିକିଏ ଆନନ୍ଦ ହେଉଥାଏ ।

ଇମିତି ବୁଲୁ ବୁଲୁ ଟୁନି ଦେଖି ପକାଇଲା, ତାର ମାଷ୍ଟର ବାବୁ କାଠଯୋଡ଼ି ବନ୍ଧ ଉପରେ ଠିଆ ହୋଇ ତାରି ଆଡ଼େ ଅନାଇଛନ୍ତି । ଟୁନି ଟିକିଏ ହସି ଦେଇ ଲୁଗା କାନିଟି ଉଡ଼ାଇ ଦେଇ ଲୁଚିଗଲା । ବାପାଙ୍କ ପାଖକୁ ଆସି ଚେୟାରଟା ଟାଣିଆଣି ବସିପଡ଼ି କହିଲା—'ବାପା ! କଲେଜ ଖୋଲିବ ଆଉ କେତେ ଦିନେ ?'

Digitized by srujanika@gmail.com

ପ୍ରାଣଧନବାବୁ କହିଲେ—"ଆହୁରି ପନ୍ଦର ଦିନ ଅଛି । ତୋ ସ୍କୁଲ କେବେ ଖୋଲିବ ?" ଟୁନି କହିଲା—ଆଉରି ବାଇଶି ଦିନ ଅଛି । ଟୁନି କଥା ପରେ ପରେ ସୁରବାଳା ପ୍ରାଣଧନବାବୁଙ୍କ ଆଡ଼କୁ ଅନାଇଁ କହିଲେ—"ତମର ଛୁଟି ଅଛି, ଟୁନିର ଛୁଟି ଅଛି, ଏକା ମୋରି ଛୁଟି ନାହିଁ ।"

ଟୁନି ଗେହ୍ଲେଇ ହୋଇ କହିଲା—"ବାପା, ଆଉରି ଏତେ ଦିନ ଛୁଟି ଅଛି ? ଏଠି ଭଲ ଲାଗୁ ନାହିଁ, ଚାଲନ୍ତୁ କୁଆଡ଼େ ବୁଲି ଯିବା । ବୋଉର ବି ଛୁଟି ହୋଇଯିବ ।" ସୁରବାଳା ଟୁନି କଥାକୁ ଆଗ୍ରହରେ ଶୁଣି କହିଲେ—"ଠିକ୍ କଥା ଟୁନି କହୁଛି, କୁଆଡ଼େ ଟିକଏ ବୁଲିଗଲେ ଭଲ ହୁଅନ୍ତା ।"

ପ୍ରାଣଧନ ବାବୁ ମୁରୁକି ହସି ବ୍ୟଙ୍ଗ କରି କହିଲେ—"ମା' ଝିଅଙ୍କର ଯେତେବେଳେ ଏକମତ ହୋଇଛି, ସେତେବେଳେ ବୁଲି ନ ଯିବାକୁ ଆଉ ଗତି କାହିଁ ? କୁଆଡ଼େ ଏବେ ଗସ୍ତ ହେବ ଠିକ୍ କର ।"

ଟୁନି ଆନନ୍ଦରେ ସୁରବାଳା ମୁହଁକୁ ଅନାଇ କହିଲା—"ବାପା ମୁଁ ଖଣ୍ଡଗିରି ଜମାରୁ ଦେଖି ନାହିଁ, ବୋଉ ବି ଦେଖି ନାହିଁ । ସେଠି ବୌଦ୍ଧ ଯୁଗରୁ ଯେଉଁ ସବୁ ମୂର୍ତ୍ତି ଅଛି, ତାକୁ ଦେଖିବା । ଆମ ମାଷ୍ଟର ବାବୁଙ୍କୁ ସାଙ୍ଗରେ ନେଇଗଲେ ସେ କେତେ ବର୍ଣ୍ଣନା ମିଶିଗ ମାରିବେ, ସେଠି ବଣଭୋଜି କରି ଆଠ ଦଶ ଦିନ ରହି ଫେରି ଆସିବା ।" ସୁରବାଳା କହିଲେ—"ବେଶ୍, କାଲି ସକାଳେ ସବୁ ଜିନିଷପତ୍ର ସଜଡ଼ା ସଜଡ଼ି କର, ସକାଳେ ମଟରରେ କାଠଯୋଡ଼ି ପାରି କରି ଦେଲେ ଉପର ବେଳାକୁ ଚାଲିଯିବା ।" ସୁରବାଳା ଆଉ ଟୁନି ମୁହଁରେ ହସ ଫୁଟିଉଠିଲା ।

ତଳ ମହଲରୁ କିଏ ଡାକିଲା—'ଟୁନି ! ଟୁନି !' ଟୁନି କହିଲା—"ବାପା, ମାଷ୍ଟର ବାବୁ ଡାକିଲେଣି, ମୁଁ ଯାଉଛି । ମାଷ୍ଟର ବାବୁ କାଲି

Digitized by srujanika@gmail.com

ଆମ ସାଙ୍ଗରେ ଯିବେ ବୋଲି ତାଙ୍କୁ କହିଦେବ ।" ଟୁନି ଚଟି ମଚ୍ ମଚ୍ କରି ତଳକୁ ଓହ୍ଲାଇ ଆସିଲା ।

ଟୁନି ସତର ବରଷର ଯୁବତୀ ଝିଅ, ପୁଣି ଗାର୍ଲସ୍ କୁଲରେ ପଢ଼ୁଛି; ଆଉ ମାଷ୍ଟର ବାବୁ ସୁନ୍ଦର ଯୁବକ, ପୁଣି ଉଚ୍ଚ ଶିକ୍ଷିତ କିନ୍ତୁ ଏ ଦୁଇ ଜଣ ଏକାଠି ବସା ଉଠା କରିବାରେ ପ୍ରାଣଧନ ବାବୁଙ୍କ ମନରେ ଟିକିଏ ହେଲେ ସନ୍ଦେହ ନ ଥିଲା । ସେ ମନେ ମନେ ଠିକ୍ କରିଥିଲେ ଟୁନି ପାଇଁ ମାଷ୍ଟର ବାବୁଟି ଉପଯୁକ୍ତ ପାତ୍ର । ଏଇ ଦିହିଁ ତାଙ୍କର ମନ ଯେତେ ମିଳେ, ସାରା ଜୀବନ ସେତିକି ଭଲ ହେବ । ସେଥିପାଇଁ ସେ ନିଜ ଘରେ ମାଷ୍ଟର ବାବୁଙ୍କୁ ରଖି ଖାଇବା ପିନ୍ଧିବା ଖର୍ଚ୍ଚ ଛଡ଼ା ପକେଟ ଖର୍ଚ୍ଚ ମାସିକ ତିରିଶ ଟଙ୍କା ଦେଉଛନ୍ତି ।

× × × ×

ତହିଁ ଆର ଦିନ ଗୁରିଟା ବେଳ । କାଠଯୋଡ଼ି ପାରିହୋଇ ପ୍ରାଣଧନ ବାବୁ, ସୁରବାଳା, ଟୁନି, ଉର୍ମିଳା, ମାଷ୍ଟର ବାବୁ ପୁଝାରୀ ଗୁକର ଇତ୍ୟାଦି ମଟରରେ ବସିଲେ । ମଟର ସାଇଁ ସାଇଁ ହୋଇ ଗୁଲିଲା ଭୁବନେଶ୍ୱର । ସେଠାରେ ଦିଅଁଙ୍କ ଦର୍ଶନ କରି କେଦାର-ଗୌରୀ ଆଡ଼େ ଟିକିଏ ବୁଲି ବୁଲି କରି ପୁଣି ଗୁଲିଲେ ଖଣ୍ଡଗିରି ।

ଖଣ୍ଡଗିରି ପାହାଡ଼ କରରେ ଗୋଟିଏ ଗ୍ରେଟ ଡାକବଙ୍ଗଳା । କେହି ସରକାରୀ ଅଫିସର କମ୍ବା ଭଦ୍ରଲୋକ ଆସିଲେ ସେଇଠି ରହନ୍ତି । ମଟର ଅଟକି ଗଲା ଫାଟକ ପାଖରେ । ମଟର ଶବ୍ଦ ଶୁଣି ବେହେରା ତରତର କରି ଫାଟକ ଖୋଲି ଦେଲା । ମଟର ରହିଲା ହତା ଭିତରେ । ପ୍ରାଣଧନ ବାବୁ, ତାଙ୍କ ପଛେ ପଛେ ସମସ୍ତେ ଗାଡ଼ିରୁ ଓହ୍ଲାଇଲେ । ପୁଝାରୀ, ଗୁକର ରୋଷେଇ ବାସରେ ଲାଗିଗଲେ । ବେହେରା ଆସି ଚେୟାର ସବୁ ଗୁନ୍ଦିନୀରେ ସଜାଇ ଦେଲା । ପ୍ରାଣଧନ ବାବୁ ଇତ୍ୟାଦି ଖୁମ୍ ଗପସପରେ ମାତିଗଲେ ।

Digitized by srujanika@gmail.com

ରାତି ପାହିଲା, ପ୍ରାଣଧନ ବାବୁ ଉଠି ନ ଥାନ୍ତି । ବଡ଼ ଭୋରରୁ ସୁରବାଳା, ଝୁନ ଓ ମାଷ୍ଟର ବାବୁଙ୍କୁ ସାଙ୍ଗରେ ଧରି ଖଣ୍ଡଗିରି ଗୁହା ଆଡ଼େ ବୁଲି ବାହାରି ଗଲେ । ଝୁନ ଉର୍ମିଳାକୁ ଡାକିଲା—"ଅପା, ଆ ବୁଲିଯିବୁ ?" ଉର୍ମିଳା ମୁହଁ ଶୁଖାଇ କହିଲା, "ନା ତମେ ଯାଅ, ବାପା ଉଠି ନାହାନ୍ତି, କାଳେ ଖୋଜିବେ, ତମେ ଯାଅ ।"

ମାଷ୍ଟର ବାବୁଙ୍କ ସହିତ ହସ ଖୁସିରେ ଗୁମ୍ଫାରେ ଥିବା ମୂର୍ତ୍ତି ଦେଖୁ ଦେଖୁ ଝୁନ ମୁରୁକି ହସି ମାଷ୍ଟର ବାବୁଙ୍କୁ ହଲାଇ ଦେଇ କହିଲା—"ଏ ଦେଖ ତ ସରଳ ! ଆପଣ ସନ୍ଧ୍ୟା ବେଳକୁ ହରିଣ ମାରି ଆଣିଲେ ଆଜି ବଣଭୋଜି ହେବ, ବୁଝିଲେ ?" ମାଷ୍ଟର ବାବୁ ଝୁନ ମୁହଁକୁ ବଡ଼ ଆଗ୍ରହ ନୟନରେ ଅନାଇ କହିଲେ—"ହରିଣ କ'ଣ ଜଙ୍ଗଲରେ କେଉଁଠି ଗଛରେ ବନ୍ଧା ହୋଇଛନ୍ତି ଯେ ଗୁଳିମାରି ଆଣିବ ?"

ଝୁନ ଥଟ୍ଟା କଲାପରି କହିଲା—"ଇସ୍ ମୋତେ ଯଦି ବନ୍ଧୁକ ମାରି ଆସୁଥାନ୍ତା, ତାହାହେଲେ ତ ଦିନରେ କେତେ ୨ ମାରି ଆଣନ୍ତି ।" ମାଷ୍ଟର ବାବୁ ଟେରା ହସ ହସି କହିଲେ—"ଇସ୍, ଭାରି ମଣିଷଟାଏ ହେଲୁଣି ଯେ, ବନ୍ଧୁକ ମାରି କୁଆଡ଼େ ହରିଣ ମାରିବ ! ମାରି ଶିଖୁନୁ ?" ଝୁନ ମୁହଁ ବୁଲାଇ କହିଲା—"ସେଇଥିପାଇଁ ତ ! ମୁଁ ମାରି ଶିଖିଥିଲେ ଆପଣଙ୍କୁ କାହିଁକି ଖୁସାମତ୍ କରନ୍ତି କି ? ମୁଁ କ'ଣ ନିଜେ ମାରି ପାରନ୍ତି ନାହିଁ ?"

ଖରା ବଢ଼ିଲା ହେଲା ବେଳକୁ ତିନିହେଁ ବସାକୁ ଫେରି-ଆସିଲେ । ଗାଧୋଇ ପାଧୋଇ ଖାଇଲା ବେଳକୁ ସାଢ଼େ ଦଶ । ଟିକିଏ ବିଶ୍ରାମ ନେଇ ସୁରବାଳା ଝୁନକୁ ଡାକିଲେ, "ଆଜି ନିଦ ମାଡୁନାହିଁ ଝୁନ, ବାରଣ୍ଡାରେ ବସିବା ଆ ।" ଝୁନ ତାଙ୍କ ପଛେ ୨ ଉଠିଗଲା । ଉର୍ମିଳା ବି ଉଠି ଆସି ସେଇଠି ବସିଲା ।

Digitized by srujanika@gmail.com

ଆଗରେ ଛୋଟ ଛୋଟ ପାହାଡ଼ । ତାର ପାଖ ଦେଇ ବୁଦା-ବୁଦିକିଆ ଝାଡ଼ ଭିତରେ ପାଦ ଚଲା ସରୁ ରାସ୍ତାଟିଏ କାହିଁ କେତେ ଦୂରକୁ ଲମ୍ବି ଯାଇଛି । ଦୂରରେ ଛୋଟ ଛୋଟ ପଡ଼ା ଗାଁ । ଅଳ୍ପ ଦୂରରେ ଅରମା କଇଁ ପୋଖରୀଟିଏ, ତା' ଉପରେ ବଗ ଚଲ ଉଡ଼ୁଛନ୍ତି । ମୁଣ୍ଡିଆ ଉପରୁ ଗାଈ-ବାଛୁରୀଗୁଡ଼ିକ ଏଣେ ଟିକିଏ ଟିକିଏ ଦେଖା ଯାଉଥାନ୍ତି । ତା' ତଳେ କେଉଁ ଝଙ୍କାଳିଆ ଗଛ ମୂଳରୁ ଗାଈଆଳ ଟୋକାଙ୍କ ବଇଁଶୀ ସ୍ୱର, ଆଉ ଗାଈ ହୁରୁଡ଼ା କୁହାଟ ଶୁଭୁଥାଏ ।

ତିନିଏ ପାହାଡ଼ ଜଙ୍ଗଲ ଆଡ଼କୁ ଅନାଇଁ ଗପ କରୁ କରୁ ଫାଟକ ପାଖରେ ଗୋଟିଏ କଏ ମାଇପିଟିଏ ଠିଆ ହୋଇ ଡାକିଲା—“ମା, ମୁଁ ଦୁଃଖୀ ଲୋକ, ଫାଟକ ଫିଟାଇ ଭିତରକୁ ଯିବି ?” ଟୁନି କହିଲା, ଫାଟକ ଆଉଜେଇ ଦେଇ ଆ । ମାଇପିଟି ଫାଟକ ଫିଟାଇ ଭିତରକୁ ଗଲା । ତଳପାହାଚ ଉପରେ ବସି କାଗଜ ପୁଡ଼ିଆଟିଏ ତଳେ ଥୋଇ ଛଳ ଛଳ ନୟନରେ ମୁଣ୍ଡ ଲଗାଇ ଦଣ୍ଡବତ କଲା । ଉର୍ମିଳା କହିଲା—“ସେମିତି କାହିଁକି ହଉଛୁ ଲୋ, ଉଠି ବସ, କ'ଣ କହୁଛୁ କହ ?”

ସ୍ତ୍ରୀ ଲୋକଟି ଉଠି ବସିଲା । ବୟସ ବାଇଶି ତେଇଶି ଭିତରେ । ରଙ୍ଗ ସାବନା, ବେକରେ ରୂପା କଣ୍ଠି ମାଳିକ ଛଡ଼ା ଦେହରେ କେଉଁଠି କିଛି ନାହିଁ । ଯୌବନ ପୂର ରହି ବେଶ୍ ଉଜ୍ଜଳ ଢାଉଳ ଦେଖା ଯାଉଛି ।

ଟୁନି ଆଗ କରି ପଚାରିଲା—“ତୋ ଘର କେଉଁଠି ? କୁଆଡ଼େ ଆଇଚୁ ।”

ସ୍ତ୍ରୀ ଲୋକଟି ବଡ଼ କରୁଣ ଗଳାରେ ହାତ ଦେଖାଇ କହିଲା—“ଏଇ ଯେଉଁ ଗାଁ ଦେଖା ଯାଉଛି, ସେଇଟି ମୋ ଶାଶୁଘର ମା । ନିଆଁ ଲଗା କପାଳକୁ ତରସ୍ତା ବରଷ ହଇଜାରେ ଶାଶୁ ବୁଢ଼ୀ

Digitized by srujanika@gmail.com

ମଲା, ତା ଶୁଦ୍ଧି ନ ଯାଉଣୁ ଗେରସ୍ତ ଆଖି ବୁଜିଲା । ଏ ପୋଡ଼ା ଜୀବନଟା ଯାଇଥିଲେ ଲଜ ସରମ ଛାଡ଼ି ବାରଦୁଆର ହୁଅନ୍ତି ନାହିଁ । ବାପ ଘରକୁ ଯାଆନ୍ତି ଯେ, ସେଠି ତ ଭାଇ ଭାଉଜ । କିଏ କାହାକୁ ଏ କାଳରେ ପୋଷୁଛି ? ଦୁଃଖ କରି ଏତେ ଦିନ ଚଳି ଆସିଲି, ଏ କାଳି ମହରଗକୁ ଆଉ ଦୁଃଖ ଧନ୍ଦା ବି ମିଳୁ ନାହିଁ ।"

ସୁରବାଳା ତାର ଏ ଦୁଃଖ କଥା ଗୁଡ଼ାକ ଶୁଣି ଶୁଣି ଗୋଟାଏ ଦୀର୍ଘ ନିଶ୍ୱାସ ମାରି କହିଲେ—"ହାଟୁଆ କୁଳରେ ତ ଦୁଝିଅ ଅଛି, ତୁ ଦୁଝିଅ ହେଲୁ ନାହିଁ କାହିଁକି ?"

ସ୍ତ୍ରୀ ଲୋକଟି ମୁହଁ ତଳକୁ ପୋତି କହିଲା—"ମା, ପୋଡ଼ଗଲା ଡିଅଣରେ ଆଉ କି ସୁଆଦ ଥାଏ ? ଜଣକର ହାତ ଧରିଥିଲି ଯେ ଧରମ ତ ସହିଲା ନାହିଁ—ଆଉ ଗୋଟାକର ପୁଣି ? ଆର ଗାଁ ଚଉକିଆଠାରୁ ଶୁଣିଲି, ଆପଣ କୁଆଡ଼େ କଟକ ସହରରୁ ଆସିଛନ୍ତି, ବଡ଼ ଲୋକ । କାମଦାମ କରିବା ପାଇଁ ଯଦି ମା' ରଖନ୍ତି, କେତେ ଉପକାର କରନ୍ତି । 'ଦେଖନ୍ତି ନାହିଁ ମା, ଜୀବ ଦଶା ଥିବାଯାଏ, ଗଣ୍ଡାଏ ପେଟକୁ, ଗାଣ୍ଡିକୁ ଖଣ୍ଡେ ଚିନ୍ଧ ପଡ଼ି ରହନ୍ତି ।"

ଟୁନି ସୁରବାଳାଙ୍କ ମୁହଁକୁ ଚାହିଁଲା । ଊର୍ମିଳା କହିଲା, "ବାପାଙ୍କୁ ପଚାରିଲେ ହୁଅନ୍ତା ।" ଟୁନି କହିଲା—"ବୋଉ ଯାଆ, ବାପାଙ୍କୁ ପଚାରି ଆସିବ ।" ସୁରବାଳା ସେ ସ୍ତ୍ରୀ ଲୋକଟି ଆଡ଼କୁ ଅନାଇଁ କହିଲେ—"ତୁ ଆମ ସଙ୍ଗରେ କଟକ ଯିବୁ ତ ?" ସ୍ତ୍ରୀ ଲୋକଟି ବଡ଼ ଆଗ୍ରହରେ ଉତ୍ତର ଦେଲା—"ଆପଣଙ୍କ ସାଙ୍ଗରେ ଯିବି ନାହିଁତ ଆଉ କାହା ସାଙ୍ଗରେ ଯିବି ?" ସୁରବାଳା କହିଲେ—"ହଉ ତୁ ବସ, ମୁଁ ଭିତରୁ ଆସେ ।"

ପ୍ରାଣଧନ ବାବୁ ଖଟ ଉପରେ ଶୋଇ ଖଣ୍ଡେ ଖବର କାଗଜ ଓଲଟାଉଥାନ୍ତି । ସୁରବାଳା ଖଟ ଉପରେ ପ୍ରାଣଧନ ବାବୁଙ୍କ ଉପରକୁ ଆଉଜି ପଡ଼ି କହିଲେ—"ଶୁଣୁଛ ?" ପ୍ରାଣଧନ ବାବୁ

Digitized by srujanika@gmail.com

ଆନନ୍ଦରେ ଖବର କାଗଜଟା ତକିଆ କରରେ ରଖି ଦେଇ ବଡ଼ ଆଦରରେ ପଚ୍ଛରିଲେ, "କ'ଣ କହୁଚ ?"

ସୁରବାଳା ବଡ଼ ଗେହ୍ଲେଇ ହୋଇ କହିଲେ, "ବଗୃଶ୍ରୀ ନିଆଶ୍ରୀ ସ୍ତ୍ରୀ ଲୋକଟି ଆସିଛନ୍ତି, ବଅସୀ ମାଇପିଟା । କୁଆଡ଼େ ଗଲେ ହାଡ଼ ପାଣ ଘରେ ଦେଶିବ । ଆମର ତ ଗୃକରାଣୀ ବାହାରି ଯାଇଛନ୍ତି, ମୋର ଇଚ୍ଛା, ତାଙ୍କୁ ସାଙ୍ଗରେ କଟକ ନେଇ ଯାଆନ୍ତେ ?"

ପ୍ରାଣଧନ ବାବୁ ଟିକିଏ କ'ଣ ଭାବି କହିଲେ, "ନେବାକୁ କିଛି କଥା ନ ଥିଲା । ତେବେ ବଅସୀ ମାଇପିଟାଏ, କେତେ-ବେଳେ କେଉଁ କଥା ? "ସୁରବାଳା ମୁରୁକ ମୁରୁକ ହସି ପାଟିରେ ଲୁଗା ଦେଇ କହିଲେ—"ଇସ୍, ଏତେ ରସିକ କିଏ ହେବ ମ ? ହବତ ତମରି ଆଉ କେତେବେଳେ କେଉଁ କଥା ଉଠିବ । ଆଉ କାହାର ସାହସ ଅଛି ?" ପ୍ରାଣଧନ ବାବୁ ଏ କଥା ଶୁଣି ପାଞ୍ଚମିନଟ୍ କାଳ ଠୋ ଠୋ ହୋଇ ହସି ଉଠିଲେ ।

ତା'ପରେ ପ୍ରାଣଧନ ବାବୁ କହିଲେ—"ହଁ, ଆଉ କ'ଣ କହିବ ? ତମ ମନ ହେଉଛି ତ ନେଇ ଚାଲ । ହାନି ଲାଭ ହେଲେ ତମେ ସମ୍ଭାଳିବ ।" ସୁରବାଳା ପ୍ରାଣଧନ ବାବୁଙ୍କୁ ଠେଲି ଦେଇ ଚାଲି ଯାଉଁ ଯାଉଁ ହସି ହସି କହିଲେ—"ମାଇକିନିଆଙ୍କ ଆଡ଼ୁ ତ ସବୁ ହାନି ଲାଭ ହୁଏ ?"

ସୁରବାଳାଙ୍କୁ ଝିନି ଦେଖି ପକାଇ କହିଲା—"କ'ଣ କହିଲେ ବାପା ?"

ସୁରବାଳା କହିଲେ—"ଆଉ କ'ଣ କହିବେ, ରହିବ ତ ରହୁ ।"

× × ×

ଟେବୁଲ ଘଣ୍ଟାରେ ଟିକ୍ ଟିକ୍ ହୋଇ ଆଠଟା ବାଜିଲା । ଝିନି ଏ ମାଗ ସେଯାଏଁ ହେଉଥାଏ, ମାଷ୍ଟର ବାବୁ ଆଉ କେତେବେଳେ ଫେରିବେ । ପାଞ୍ଚଟା ବେଳୁ ମଫସଲରେ ଶିକାର କରିବାକୁ ଗଲେଣି

Digitized by srujanika@gmail.com

ଏ ପର୍ଯ୍ୟନ୍ତ କ'ଣ କିଛି ପାଇ ନାହାନ୍ତି ? ପଦ୍ମ ନ ମିଳିଲା ତାହା-ହେଲେ ଫେରି ଆସୁନାହାନ୍ତି କାହିଁକି ? ଚୁନିର ଆଉ କେଉଁଠି ଆଉ ମନ ନାହିଁ, ଦାଣ୍ଡ ବାରଣ୍ଡାରେ ଖଣ୍ଡେ ଆରାମ ଚେୟାର ପକାଇ ବାଟକୁ ଅନାଇଁଥାଏ ।

ନଅଟା ବାଜିଲା । ଦୂରରୁ ଶୁଣାଗଲା ମଟରର ହର୍ଣ୍ଣ । ଚୁନିର ମନ ଆନନ୍ଦରେ କୁରୁଳି ଉଠିଲା ମାଷ୍ଟର ବାବୁ ଫେରି ଆସିଲେଣି ବୋଲି । ମଟର ଘର୍ ଘର୍ ହୋଇ ଫାଟକ ପାଖରେ ଠିଆ ହୋଇଗଲା । ଚୁନି ନିଜେ ଯାଇ ଫାଟକ ଖୋଲିଦେଲା । ମାଷ୍ଟର ବାବୁ ହସି ହସି କହିଲେ—"ତୋ ମୁଁହ ଗୁହିଁ ଯାଇଥିଲି ଯେ ଗୋଟାଏ କିଛି ବି ହାତୁଡ଼ରେ ପଡ଼ିଲା ନାହିଁ ।" ଚୁନି ହସି ହସି କହିଲା—"ଇସ୍, ନିଜକୁଡ ମାରି ଆସେ ନାହିଁ, ମୋ ମୁହଁ ଗୁହିଁ ଗଲେ ବୋଲି କୁଆଡ଼େ କିଛି ହେଲା ନାହିଁ । ଆଉ କାହା ମୁହଁ ଗୁହିଁ ଗଲ ନାହିଁ ?"

ମଟର ଭିତରକୁ ଆସିଲା । ଚୁନି ମଟର ପଛ ପଟକୁ ଅନାଇ ଦେଲା—ଗୋଟାଏ ବଡ଼ ମିରିଗ ବନ୍ଧା ହୋଇଛି । କୁରୁଳି ହୋଇ ଘର ଭିତରକୁ ଦଉଡ଼ିଗଲା ! ଆନନ୍ଦରେ ଯାଇଁ ଭିତରେ ଡାକ ପକାଇଲା—"ଦେଖିବୁ ଆ ଉର୍ମିଳା ଅପା, ଆ ବୋଉ, ମାଷ୍ଟର ବାବୁ କେଡ଼େ ହରିଣଟାଏ ମାରି ଆଣିଛନ୍ତି ।" ଘରଭିତରୁ ଦାଣ୍ଡ ବାରଣ୍ଡାକୁ ସମସ୍ତେ ଦଉଡ଼ି ଆସିଲେ, ପ୍ରାଣଧନ ବାବୁ ବି ।

ସେଦିନ ହେଷାଇବାପ କରି ଖାଉ ଖାଉ ରାତି ବାରଟା । ନୂଆ ଗୃହକର୍ତ୍ତୀଟି ଲୋଟଣିପାରା ଘରି କାମରେ ଲାଗି ପଡ଼ିଥାଏ ।

ଆଠଦିନ ବିତିଗଲା । କେତେ ବଣଭୋଜି ହୋଇ ଗଲାଣି । କାଲି ସକାଳେ କଟକ ଫେରି ଆସିବାର କଥା । ରାତିରେ ହେଷେଇବାସ ସାରି ଖିଆ ପିଆ ସରିଲା । ସବୁ କାମ ପାଇଟି ସାରି ନୂଆ ଗୃହକର୍ତ୍ତ୍ରୀ ମାଳତୀ କହିଲା—"ମା, କାଲି କଟକ ଗିବ,

Digitized by srujanika@gmail.com

ଏ ଗାଁ ଭୂଇଁ କେବେ ଦେଖିବାକୁ ଯେ ଠାକୁର ବରାଦ କରିବେ, ତାର ଠିକଣା ନାହିଁ। ମୁଁ ଟିକିଏ ଯାଉଛି, ଚମ୍ପା ପରିଚଙ୍କ ଠାରୁ ବିଦାୟ ନେଇ ଦିନ ଦି' ଘଡ଼ି ସରିକି ଆସି ପହଞ୍ଚିବ। ବାବୁଙ୍କ ଠିକଣା ଟିକିଏ ଟିପି ଦିଅନ୍ତୁ ଭଲା, ଭାଇ ଭାଉଜଙ୍କ ପାଖକୁ ପଠାଇ ଦିଅନ୍ତୁ। କେବେ ହେଲେ ତାଙ୍କ ମନ ତରଳିଲେ ଚିଠି ଖଣ୍ଡେ ଦିଅନ୍ତେ। ଏକା ରକତ ମା, ତାଙ୍କ ମନ ସିନା ତରଳେ ନାହିଁ, ମୋ ମନ ସମ୍ଭାଳି ହୁଏନା।

ଠୁନି ବଡ଼ ବଡ଼ ଓଡ଼ିଆ ଅକ୍ଷରରେ ତାଙ୍କ ଠିକଣା ଟିପି ଦେଲା। ସେ କାଗଜ ଖଣ୍ଡିକ ନେଇ ସେହି ଘୋର ଅନ୍ଧାର ଭିତରେ ମାଳତୀ ଉଭେଇ ଗଲା କୁଆଡ଼େ।

ତହିଁ ଆର ଦିନ ଚାରିଟା ବେଳକୁ ସମସ୍ତେ ମଟରରେ ବସିଲେ। କଟକରେ ପହଞ୍ଚୁ ପହଞ୍ଚୁ ରାତି ଆଠଟା। ନୂଆ ଗୃହିଣୀଟି ପ୍ରାଣଧନ ବାବୁଙ୍କର ଘରର ସାଜସଜା ଜିନିଷ ପତ୍ର ଦେଖି ଆବା କାବା ହୋଇ ଯାଉଥାଏ।

Digitized by srujanika@gmail.com

ଦିନ ପରେ ଦିନ ଗଡ଼ି ମାସଟି ହୋଇଗଲାଣି । ଏହି ମାସଟି ଭିତରେ ମାଳତୀର କାମଦାମରେ ସମସ୍ତେ ଭାରି ଖୁସି । ପ୍ରାଣଧନ ବାବୁ ବି ବେଳେ ବେଳେ ସୁରବାଳାଙ୍କୁ କହନ୍ତି,—"ଭଲ ଚାକରାଣୀଟିଏ ବାଛି ବାଛି ଆଣିଛ, ମୋ ଦେଖିବାରେ ଏଭଳି ଭଲ ଚାକରାଣୀଟିଏ କେବେ ଆମ ଘରେ ରହି ନ ଥିଲା ।" ସୁରବାଳା ମୁରୁକି ହସା ମାରି କହନ୍ତି—"ମାଇପିଙ୍କୁ ସିନା ମାଇପେ ଚିହ୍ନିବେ, ପୁରୁଷ କେଉଁଠୁ ଚିହ୍ନିବେ ?" ପ୍ରାଣଧନ ବାବୁ ବିଦ୍ରୂପ କରି କହନ୍ତି···'ସତ କଥା !'

ମାଳତୀର ସମସ୍ତଙ୍କ ଅପେକ୍ଷା ବାବୁଙ୍କ ବିଧବା ଝିଅ ଊର୍ମିଳା ସାଙ୍ଗରେ ବେଶ୍ ପଡ଼େ । ପଡ଼ିବାର ବି କଥା । ଦୁହିଁଙ୍କର ଏକା କରମ – ଏକା ବୟସ—ଏକା ମନ । ମାଳତୀ କାମ କରୁ କରୁ କେତେବେଳେ ଟିକିଏ ସମୟ ପାଇଲେ ସେଇ ଊର୍ମିଳା ଦେଈଙ୍କ ପାଖରେ ବସି, ତା ଜୀବନର କେତେ କଥା ଫୁସୁର ଫୁସୁର ହୋଇ ଗପେ । ଊର୍ମିଳା ବି ମାଳତୀକୁ ଚାକରାଣୀ ପରି ନ ଭାବି କେତେ କଥା କହେ । ଇମିତି ଦିନ ପରେ ଦିନ ଗଡ଼ି ଚାଲେ ।

ଆଜି କାର୍ତ୍ତିକ ମାସ ସୋମବାର । ପ୍ରାଣଧନ ବାବୁ ହବିଷ କରୁଥିବାରୁ ଦିନ ଥାଉଁ ଥାଉଁ ରୋଷେଇବାସ ସରିଗଲା । ପୁଝାରୀ ଚାକର ବେଳାବେଳି ସବୁ କାମ ସାରି ଦେଇ କିଏ ଠାକୁର ମନ୍ଦିରକୁ, କିଏ ବା ସାଙ୍ଗ ଚିହ୍ନା ପରିଚିତ ପାଖକୁ ବାହାରି ଗଲେ ।

ପ୍ରାଣଧନ ବାବୁ କଚେରୀ ଘରେ ବସି କାଗଜପତ୍ର ଓଲଟାଇବାରେ ଲାଗିଥାନ୍ତି । ପାଖରେ ଖଣ୍ଡେ ଲମ୍ବା ବେଞ୍ଚ୍ ଉପରେ ଚାରି ପାଞ୍ଚ୍ ଜଣ ମକ୍‌କଲ ବସି ପ୍ରାଣଧନ ବାବୁଙ୍କ ଆଡ଼େ ଅନାଇଁ ରହିଥାନ୍ତି । ଏ ପାଖରେ ମୋହରିର ଦୁଇ ଜଣ କାଗଜ ପତ୍ର

Digitized by srujanika@gmail.com

ଲେଖିବାରେ ବ୍ୟସ୍ତ । ପ୍ରାଣଧନ ବାବୁଙ୍କର କେତେବେଳେ କ'ଣ ଘରଆଡ଼ୁ ଦରକାର ହେବ ବୋଲି ସାନ ଚାକର ମଦନଟି ଗାମୁଛା ଖଣ୍ଡିଏ ଧୋଇ ହୋଇ କାନ୍ଧକୁ ଆଉଜ ବାବୁଙ୍କ ଆଡ଼େ ଚାହିଁ-ରହିଛି ।

ସୁରବାଳା ତାଙ୍କ ଶୋଇବାଘର ଖଟ ଉପରେ ଶୋଇ ଖଣ୍ଡେ ବହି ପଢ଼ିବାରେ ଲାଗିଥାନ୍ତି । ମାଷ୍ଟର ବାବୁ ସିନେମା ଦେଖି ଯାଇଛନ୍ତି, ଫେରିବେ ଦଶଟା ବେଳକୁ । ଛାତ ଉପର ମହଲା ଶେଷ-ମୁଣ୍ଡ ଘର ଖଟ ଉପରେ ହାରମୋନିୟମ ଧରି ଖୋଲା ଝରକା ବାଟେ ଶିଶିର ଭିଜା ଆକାଶକୁ ଚାହିଁ ଦରଦୀ ସ୍ୱରରେ ଗାଇ ଚାଲିଛି—

"ସେ ଆଖିର ଦେଖା—ଦେଖିବ ବୋଲି ମୁଁ

ସଞ୍ଜ ସକାଳରେ ଅନାଇଁ ଥାଏ"......

ମାଳତୀ ବାସନ-କୁସନ ମାଜି ଘରେ ରଖି ଦେଲା । ମସଲାଦିଆ ପାନ ଖିଲେ ଖାଲି ଉପର ମହଲାର ଊର୍ମିଳା ଶୋଇବା ଘରକୁ ଗଲା । ଦେଖିଲା ଊର୍ମିଳା ଝରକା ବାଡ଼କୁ ଧରି କାଠଯୋଡ଼ ଆଡ଼େ ଚାହିଁ ରହିଛି । ମାଳତୀ ସବୁ କଥା ବୁଝି ପାରିଲା । ପାଖରେ ଠିଆ ହୋଇ ଯାଇ ଡାକିଲା—'ଦେଈ ?' ଊର୍ମିଳା ଗୋଟାଏ ବେଦନାଭରା ନିଶ୍ୱାସ ମାରି ଖଟ ଉପରେ ଆସି ବସିଲା । ଆଖି କୋଣରେ ଲୁହ ଭରିଛି । ମାଳତୀ ତା ଗୋଡ଼ ତଳେ ବସିପଡ଼ି କହିଲା—"ଦେଈ, ମନ କଥା ବୁଝିଲି । ଆଉ ସେ କଥା ଭାବିଲେ କ'ଣ ହେବ ? ତମରି ଜାତି ଭାଇ ତ ତମରି ଭଗାରି, ଆଉ ଏ କଥା କହିବ କାହାକୁ ?"

Digitized by srujanika@gmail.com

ଊର୍ମିଳା ଖଟ ଉପରେ ଶୋଇପଡ଼ି ବେଦନା ଭରା ସ୍ୱରରେ କହିଲା—"ହଁ ଲୋ ହଁ, କରମକୁ ନ କହି ଆଉ କାହାକୁ କହିବ ? ଆ, ଏ ଖଟରେ ବସ ।" ମାଳତୀ ଖଟ ଉପରେ ଊର୍ମିଳା ଗୋଡ଼ ପାଖରେ ଯାଇଁ ବସିଲା ।

ତା' ପରେ ମାଳତୀ ଊର୍ମିଳାର ଗୋଡ଼ ମୋଡ଼ି ଦେଉଁ ଦେଉଁ ମନକୁ ମନ କହି ହେଲା—"ଆମ ଗାଁ ଦାମ ଘଡ଼େଇର କଥା ପରା ମୁଁ ବେଦର ଗାର ପରି ମଣେ । ସେଦିନ ପରା ଭାଗବତ ପଢ଼ି ବୁଝାଉଥିଲେ—ଏ ମାୟା ସଂସାରରେ କେହି କାହାର ନୁହଁନ୍ତି । ସେଥିପାଇଁ ପରା ଭାଗବତରେ ଲେଖା ଯାଇଛି—

"ସଂସାରେ ଥିବ ଯେତେ ଦିନ,
ଆନନ୍ଦ କରୁଥିବ ମନ ।"

କେଉଁଥି ପାଇଁ ଏତେ ଉଦ୍‌ହଳ ବିକଳ ହେବ ମ ? ଏ ଯୁଗରେ କେଉଁ ଧରମ ବିଗୁର ଅଛି ଯେ ! ଏବେଠ ଷୋଳ ବରଷର ଦି' ଦି'ଟା ବିଧବା ଝିଅ ଘରେ ଥାଉଁ ଥାଉଁ ପଚିଶ ବରଷର ବୁଢ଼ା ପୁଣି ଷୋଳ ବୟସୀର ହାତ ଧରୁଛି ! ଏ କଥା କଣ ମିଛ ହେଲ ?"

ଊର୍ମିଳା ମନକୁ ଏ କଥା ବେଶ୍ ପାଇଲା । ମାଳତୀ କଥା ପରେ ପରେ ଊର୍ମିଳା କହିଲା—"ମଲୋ, କାହିଁକି ମିଛ ହେବ ଲୋ ! ଇମିତି ଶହ ଶହ ହେଉଛି । ବିଧବା ଝିଅଙ୍କର ଦେହ ଯେ, ଏକା ରକ୍ତ ମାଂସରେ ଗଢ଼ା, ସେ କଥା କିଏ ବୁଝୁଛି ? ହେଇ ପରା ଆଖି ଆଗରେ···" କଣ କହି ଆସୁଥିଲା ଊର୍ମିଳାର ଜିଭ ଅଟକିଗଲା । ମାଳତୀକୁ ଚୁପ୍ ଚୁପ୍ କରି କହିଲା—"ବାହାରେ ଅନାଇଁ ଆଇଲୁ ।" ମାଳତୀ ପାନ ଛେପ ପକାଇବା ନାଁରେ ବାହାରକୁ ଉଠି ଆସିଲା ।

ସେତେବେଳକୁ ରାତି ନ'ଟା ହେଲାଣି । ପ୍ରାଣଧନ ବାବୁ କଚେରୀ ଘରେ ଶୋଇବାକୁ ଯାଉଥାନ୍ତି । ଠିକ ବି ସେଇକ୍ଷଣି ହାର-ମୋନିଆ ବନ୍ଦ କରି ଡାକିଲା—"ମହନା, ମହନା ? ମଶାରିଟା ଝାଡ଼ି

Digitized by srujanika@gmail.com

ଦେଇ ଯା, କଳ ପାଣି ଗ୍ଲାସେ ଆଣିଥିବୁ ।” ମାଳତୀ ଖୁଣ୍ଟ ଉହାଡ଼ରେ ଠିଆ ହୋଇଥାଏ । ପ୍ରାଣଧନ ବାବୁ କବାଟ ଦେଲେ । ଟ୍ରେନ କବାଟ ଆଉଜେଇଲା ବେଳକୁ ମହନାକୁ କହିଲା—“ତୁ ଦାଣ୍ଡ-ଘରେ ଶୋଇଥା, ମାଷ୍ଟର ବାବୁ ଆସିଲେ ତାଙ୍କ ମଶାରି ଝାଡ଼ଦେବୁ, କହିବୁ ଟ୍ରେନ ଦେଇ କେତେବେଳଯାଏ ଅନାଇ ଅନାଇ ବର୍ତ୍ତମାନ ଶୋଇଛନ୍ତି ।” ଗୃହକରଟି ହଁ ମାରି ତଳକୁ ଚାଲି ଆସିଲା ।

ମାଳତୀ ଘର ଭିତରକୁ ଆସି କବାଟ ଦେଲା । ଖଟ ଉପରକୁ ଆସି ଗୋଡ଼ରେ ହାତ ପକାଇ କହିଲା—“ନା ଦେଇ, ସମସ୍ତେ ଶୋଇଲେଣି । ଊର୍ମିଳା କିଛି ସମୟ ନୀରବ ରହି କହିଲା,—“ମଲା ଆମରି ଘର କଥା ଦେଖୁନୁ ? ଯିଏ ଆମର ‘ବୋଉ’ ହୋଇ ଆସିଛନ୍ତି, ସେ ପରା ବୟସରେ ମୋଠୁ ପାଞ୍ଚ ବରଷ ସାନ । ବାପା ହେଉ ବା ଯିଏ ପାରି ଯିଏ ହେଉ, ଏ ପଚିଶ ବରଷରେ ତ ସମ୍ଭାଳି ହୋଇ ପାରିଲେ ନାହିଁ ।”

ମାଳତୀ ଆଉରି ପାଖକୁ ଘୁଞ୍ଚି ଯାଇ ମୁହଁ ଲେଫଡ଼ି କହିଲା—‘ହେଲେ କ’ଣ ହେଲା ? ଧନ ପାଇଁ କଏ ସିନା ଟୋକୀଟାକୁ ବିବାହ କରି ଦେଇଛି ! ମୁଁ କ’ଣ ଦେଖୁନାହିଁ, ବାବୁଙ୍କ ପ୍ରତି ସ୍ତ୍ରୀଙ୍କର ଯେଉଁ ସେନେହ ଶରଧା ଅଛି ତ ? ଖାଲି ସବୁ ଉପରେ ଉପରେ । ମନେ ମନେ ବଳେଇ ଆଗି ବୁଜି ଦୁଧ ପିଉଛି । ସବୁବେଳେ ଖାଲି ମାଷ୍ଟର ବାବୁ, ଖାଇଲା ପିଇଲା ଠାରୁ ଯାହା ଯେଉଁଠି ହେଉଛି, ଆଗ ମାଷ୍ଟରବାବୁଙ୍କୁ ଖୋଜା । ମଲାରେ କାଳ ! ଯାଙ୍କ କଥାତ ଗୁଡ଼ା; ଟ୍ରେନ ଦେଇ ମାଷ୍ଟରଙ୍କୁ ଦେଖିଲେ ଯାହା ହେଉଛନ୍ତି ପୁଣି ! ଇମିତ ମୁଁ କେଉଁଠି ଦେଖି ନାହିଁ । ବାହା ହେବେ ସିନା ଜୋଉଁ ଦ୍ୱନ, ସେଥିପାଇଁ ଆଟେରୁ ଏତେ ମିଳାମିଶା କ’ଣ ବା ? ଲାଜ ସରମକୁ କ’ଣ ଠିକଏ ଭୟ ଅଛି ? କଏ କହିବ ଲୋ ମା, ବଡ଼-ଲୋକକୁ ଉତ୍ତର ନାହିଁ, ସରଗକୁ ନିଶୁଣୀ ନାହିଁ ।”

Digitized by srujanika@gmail.com

ଊର୍ମିଳା ତା କଥାରେ ବାଧା ଦେଇ କହିଲା—"ସେ ଟୋକା ଗୁଣ ମୋ ଆଗରେ କହନା । ତାଙ୍କ ଗୁଣ ଯେତେ ଏଥି ପେଟରେ ଅଛି, କହିଲେ ସରି ପାରିବ । ମୁଁ ଯଦି ତାର ମା' ହୋଇଥାନ୍ତି, ଦେଖନ୍ତୁ ତା ମାଷ୍ଟର ଆଉ ତାକୁ ହାଣି କୁଟି କୁଟା କରି ଦିଅନ୍ତି ପରା !"

ଇମିତି ଗପସପ ହେଉହେଉ ୧୧ଟା ବାଜିଗଲା । ହଣ୍ଡି ଆରପାରି ପଡ଼ାଗାଁରେ ଆଲୁଅ କେତେବେଳୁ ଲିଭିଗଲାଣି । କାଠଯୋଡ଼ କୂଳଟା ଏକାବେଳକେ ନିଶୂନ । ଏତେବେଳେଯାଏ ବି ଊର୍ମିଳା ଆଖିକୁ ନିଦ ନାହିଁ । ତା ଦେହଟା ଗରମ ହୋଇ ଯାଇଛି । ଯୌବନର ପିଶାଚ ମନରେ ଚେଇଁ ଉଠିଛି କେତେବେଳୁ । ଛାତିଟା ଭିତରେ କିଏ ଯେମିତି ମୁଗୁରରେ ପିଟୁଛି । ମନ ବିଜୁଳି ବେଗରେ ଧାଇଁଛି କଣ୍ଟା ମାଉଁସ ଧରି ଖେଳ ଖେଳିବାକୁ ।

ମାଳତୀ ଠିକ୍ ବେଳ ଦେଖି କହିଲା—"ଦେଈ, ଯଦି ମୋ କଥା ମାନନ୍ତ ତାହାହେଲେ ଗୋଟାଏ କଥା କହନ୍ତି । ଦେଖନ୍ତ ନାହିଁ, କମିତି ମଉଜରେ ଦିନ କଟେନ୍ତା ! ଏ କଥାଟା ଦି'କାନ ହୁଅ ଜାଣିଲେ ସର୍ବନାଶ ହେବ । ପେଟରେ ପୂରେଇ ଯଦି ରଖିବ, ତାହାହେଲେ କହିବି ।"

ଊର୍ମିଳା ଉଠି ପଡ଼ି ମାଳତୀ ଉପରକୁ ଆଉଜି ପଡ଼ି କହିଲା—"ଯାହା କହିବୁ, ତା କରିବି । ଏ ଜୀବନ ଗଲେବି କେଉଁଠି କିଛି କହିବି ନାହିଁ ।"

ମାଳତୀ ଝରକାଟା ବନ୍ଦ କରି ଦେଇ ଆସି ଚୁପ୍ ଚୁପ୍ କରି କହିଲା—"ତମେ କଟକର ରମେବାବୁଙ୍କ ଝିଅକୁ ଜାଣ ଦେଈ ?"

ଊର୍ମିଳା କହିଲା—"ତା ନାଁ ଉଷା ତ ?"

ମାଳତୀ କହିଲା—ହଁ ।

Digitized by srujanika@gmail.com

ଊର୍ମିଳା କହିଲା—"ମଲା, ଊଷାକୁ ମୁଁ ଜାଣି ନାହିଁ ? ସେ ପରା ମୋ ସାଙ୍ଗରେ ପଢୁଥିଲା । ମୋ ଆଗରୁ ସେ ବାହା ହୋଇଥିଲା ଯେ, ଦି ବର୍ଷ ନ ପୂରୁଣୁ ବିଧବା ହୋଇ ଆସି ଘରେ ରହିଲା । କ'ଣ ହେଲା କେଜାଣି, କାହା ଫାନ୍ଦରେ ପଡ଼ି କୁଆଡ଼େ ଦିନେ ଚାଲିଗଲା । ତୁ ତା କଥା କେମିତି ଜାଣିଲୁ ?"

ମାଳଞ୍ଚ ଟିକିଏ ମୁରୁକିହସା ମାରି କହିଲା—"ଦେଖ, ଏତେ ଲୋକ ତ ତାକୁ ଖୋଜିଲେ, ତାର କେହି ପତ୍ତା ପାଇଲେ ? ଯଦି ଯାଆନ୍ତ ଦେଖ, ଦେଖନ୍ତ ଊଷା କେମିତି ମଉଜରେ ଅଛି । ମୁଁ ପରା ତାକୁ ନେଇ ଏମିତି ଜାଗାରେ ରଖାଇ ଦେଇଛି ଯେ ଚନ୍ଦର ସୁରୁଜ କେହି ଦେଖି ପାରିବେ ନାହିଁ ।"

ଊର୍ମିଳା ବଡ଼ ବିସ୍ମିତ ହୋଇ କହିଲା—"ତୁ କ'ଣ ଆଗରୁ କେବେ କଟକ ଦେଖିଥିଲୁ ?" ମାଳଞ୍ଚ କହିଲା—"ମଲା, କଟକର କେଉଁ ଗଳି ମୋତେ ଅମାଲୁମ ? ମୋତେ ଯେତେବେଳେ ସତର ବରଷ, ଯଉବନ ଫାଟି ପଡ଼ୁଥିଲା, ସେଇଦିନୁ ପରା କଟକରେ ମୋର କାରବାର । ତମେ କ'ଣ ଦେଖ ଭାବିଛ ମୁଁ ପେଟକୁ ଖାଇବା ପାଇଁ ଏଠି ପଡ଼ିରହିଛି ? ଆମ ସ୍ୱାମୀ ବାବାଙ୍କର ଯାହା ଧନ ସମ୍ପତ୍ତି ଅଛି, ତା ଦେଖ ଦେଖିଲେ ଆଖି ଝଲସିଯିବ । ତମକୁ ଯଦି ସେଦିନ ଖଣ୍ଡଗିରି ଡାକବଙ୍ଗଳାରେ ଦେଖି ନ ଥାନ୍ତି ତାହା-ହେଲେ ମୁଁ ଏଠିକୁ ଆସି ଥାନ୍ତି କାହିଁକି ? କେବଳ ତମରି ପାଇଁ ପରା !" ମାଳଞ୍ଚ ଟିକିଏ ହସିଲା ।

ଊର୍ମିଳା ତା କାନ୍ଧରେ ହାତ ପକାଇ କହିଲା—"କାହିଁକି ଲୋ ? ମୋ ଲାଗି କାହିଁକି ଆସିଲୁ ? ତୁ ପରା କୁଆଡ଼େ ବିଧବା ?"

ମାଳଞ୍ଚ ହସି ଦେଇ କହିଲା—"ମଲା, ସେମିତି କହୁଥିଲି ନା, ମୁଁ କାହିଁକି ବିଧବା ହେବି ମ ? ମୁଁ ତ ସ୍ୱାମୀବାବାଙ୍କର ଶିଷ୍ୟା ହୋଇଛି । ମୋର ପରି ତ କେତେ ସୁନ୍ଦରୀ ସେଠି ଅଛନ୍ତି । ଯେଉଁ

Digitized by srujanika@gmail.com

ପୁରୁଷମାନେ ଦେଇ ଅଛନ୍ତି, ଦେଖିଲେ ପେଟ ପୂରିଯିବ । ଉଷା ପରି ସେଇଠି ଅଛନ୍ତି । ସ୍ୱାମୀ ବାବାଙ୍କର ହୁକୁମ, ତମରି ପରି ବିଧବା-ମାନଙ୍କର ଦୁଃଖ ହରଣ କରିବା । କ'ଣ କହୁଛ ଦେଈ ? ଯଦି ଯାଆନ୍ତି, ଦେଖନ୍ତ ନାହିଁ ମୋ କଥା ସତ କି ମିଛ ? ମନ ଇଚ୍ଛା ଯାହା ପାରି ତା' କରନ୍ତୁ; ଏଠି ଏମିତି ପିଞ୍ଜରାରେ ପଡ଼ି ଆଉ କେତେ ଦିନ ଛଟପଟ ହେବ ?"

ବିରହ ଜ୍ୱାଳାରେ ଊର୍ମିଳା ଏକାବେଳକେ ପାଗଳ ହୋଇ ଯାଇଥିଲା । ମାଳତୀକୁ କୁଣ୍ଢାଇ ପକାଇ କହିଲା—"ମାଳତୀ, ତୁ ସତେରେ ମୋତେ ନେଇ ଯିବୁ ? ଯେତେବେଳେ କହିବୁ, ସେତେବେଳେ ଯିବି, ଯାହା କହିବୁ ତା କରିବି ।"

ମାଳତୀ ଊର୍ମିଳାର ଓଠ ଧରି ପକାଇ କହିଲା—"ନିଶ୍ଚେ ନେଇ ଯିବି । ତେବେ ସେଠି ଯିଏ ଶିଷ୍ୟ ହୁଏ, ଘରର ସବୁ ମାୟା ମମତା ତୁଟାଇ ଦିଏ । ତମେ ଦେଈ, କ'ଣ ତା' କରି ପାରିବ ନାହିଁ ?"

ଊର୍ମିଳା କହିଲା—"କାହିଁକି ମ ? ମୋର ଏଠି କେଉଁ ସୁଖ ଅଛି କି ? ମାୟା ମମତା ତୁଟାଇ ପାରିବି ନାହିଁ ? ପୋଡ଼ାମୁହାଁଙ୍କ ଉପରକୁ ତ ମୋ ହାଡ଼ କଡ଼ ମଡ଼ ହେଉଛି ।"

ମାଳତୀ ଊର୍ମିଳାକୁ କୁଣ୍ଢାଇ ପକାଇ କହିଲା—"ଦେଖ ଦେଈ, ଏକଥା ଯେ ମିଛ କେହି ଜାଣିବେ ନାହିଁ । ମୁଁ କାଲି ଯାଇଁ ଏଠି ଜଣକୁ ଖବର ଦେଇ ଆସିବି । ଦି' ଦିନ ଭିତରେ ଲୋକ ଆସି ନେଇଯିବେ, ନହେବେ ଯେତେବେଳେ ମୁଁ ଯାହା କହିବି, ତମେ ନ ଡରି ସବୁ କରି ଯିବ । ଯାହା ସାଙ୍ଗରେ କହିବି, ତା ସାଙ୍ଗରେ ଚାଲିଯିବ ।"

ଊର୍ମିଳା କହିଲା—"ତୁ ଯାହା କହିବୁ ମୁଁ କରିବି ସିନା, ଯିବା-ବେଳେ ଯଦି କେହି ଦେଖେ, ତାହାହେଲେ ତ ମୁଁ ଆଉ ଘରେ ବାହାରେ ମୁହଁ ଦେଖାଇ ପାରିବି ନାହିଁ ?"

Digitized by srujanika@gmail.com

ମାଳତୀ ଭାରି ଖୁସି ହୋଇ କହିଲା—"ତମେ ତ ଯିବ, କିଏ କାହିଁକି ଦେଖିବ, ସେ କଥା ମୋତେ କ'ଣ ଜଣା ନାହିଁ ଯେ ତମେ ଆଉରି କହୁଛ ଦେଇ ?"

ଊର୍ମିଳା କହିଲା—"ଗଲାବେଳେ ସିନା କେହି ଦେଖିବେ ନାହିଁ, ତା' ପରେ ପଛ କେହି କେବେ ଦେଖେ !"

ମାଳତୀ କହିଲା—"ଥରେ ପରା କହିଲି ଦେଇ, ସେ ସବୁ କଥା କିଛି ଭାବିବ ନାହିଁ । ସେ ଦିନ ଖଣ୍ଡଗିରି ଡାକବଙ୍ଗଳା ଆଗରେ ଯେଉଁ ଜଙ୍ଗଲ ଦେଖାଯାଉଥିଲା, ସେହି ଜଙ୍ଗଲେ ଜଙ୍ଗଲେ ତିନି କୋଶ ଗଲେ ପାହାଡ଼ ତଳେ ଯାଇଁ ସ୍ୱାମୀବାବାଙ୍କ ମଠ, ବୁଝିଲ ? ଦିନରେ ବ ସେଠିକି ସୂର୍ଯ୍ୟ କିରଣ ଯାଏ ନାହିଁ । ତମେ ଦେଖିବ ନାହିଁକି ? ସ୍ୱାମୀବାବାଙ୍କ ଲୋକ ଛଡ଼ା ବାହାର ଲୋକଙ୍କର ପାଦ ଏ ପର୍ଯ୍ୟନ୍ତ ସେଠି ପଡ଼ି ନାହିଁ, କେବେ କାହାର ବି ପଡ଼ିବ ନାହିଁ । ତମେ ସେ ସବୁ କଥା କାହିଁକି ଭାବୁଛ ? ରାତି ବେଶି ହେଲାଣି, ଶୋଇ ପଡ଼ । ମୋତେ ବି ଭାରି ନିଦ ମାଡ଼ିଲାଣି ।" ମାଳତୀ ଯାଇଁ ତଳେ ବିଛଣାରେ ଶୋଇଲା ।

ସେହି ଦିନଠୁଁ କାମଦାମ ସାରି ଖିଆବେଳେ ମାଳତୀ କୁଆଡ଼କୁ ଯାଏ, ପୁଣି ଅଧ ଘଣ୍ଟା ଭିତରେ ଫେରି ଆସେ । ଊର୍ମିଳା ପଚାରିଲେ କହେ—"ସବୁ ଠିକ୍ କରି ଦେଇଛି, ଆଉ ବେଶୀ ହେଲେ ଦିନେ ଛଅ ଡେରି ହେବ ।"

× × × ×

ଦୁଇଦିନ ପରେ । ସକାଳୁ ପ୍ରାଣଧନ ବାବୁ ବାରଣ୍ଡାରେ ଚେୟାର ଉପରେ ବସି ଚାହା ପିଉଛନ୍ତି, ପାଖରେ ଗୃହିଣୀ ଟିକିଆ ଲଗାଇ ତମାଖୁ ସଜାଡ଼ୁଛନ୍ତି । ସଡ଼କ ଉପରେ ଗୋଟାଏ ଘୋଡ଼ା ଗାଡ଼ି ଅଟକିଗଲା । ଗାଡ଼ି ଭିତରୁ ଜଣେ ଲୋକ ଫାଟକ ଖୋଲି ବାରଣ୍ଡା ଉପରକୁ ଉଠି ପଚାରିଲେ—"ପ୍ରାଣଧନ ବାବୁ କେଉଁଙ୍କ

Digitized by srujanika@gmail.com

ଘର ଏଇ ତ ?" ପ୍ରାଣଧନ ବାବୁ ଗୃ କପ୍‌ଟା ଗୃକର ହାତକୁ ବଢ଼ାଇ ଦେଉଁ ଦେଉଁ ଭଦ୍ରତା ଖାତିରରେ କହିଲେ, "ହଁ ଏଇ ଘର ।" ଆପଣମାନେ କେଉଁଠୁ ଆସିଛନ୍ତି ?

ଆସିଥିବା ଲୋକଟି କହିଲେ—"ଆମ ଘର ଆଜ୍ଞା ଅନୁଗୁଳ; ସବ୍‌ରକାର ବାବୁ ଆସିଛନ୍ତି, ତାଙ୍କର କିଛି ଟଙ୍କା ଦାଖଲ ହେବ, ତା' ଛଡ଼ା ହାଇକୋର୍ଟରେ ଜମିବାଡ଼ି ବିଷୟ ନେଇ ଗୋଟିଏ ଅପିଲ୍ ବି ଦାଏର ହେବ; ଆପଣଙ୍କର ପ୍ରଶଂସା ଅନୁଗୁଳରେ ଶୁଣୁ । ସେଥିପାଇଁ ସବ୍‌ରକାର ବାବୁ ଆପଣଙ୍କ ପାଖକୁ ଆସିଛନ୍ତି ।"

ପ୍ରାଣଧନ ବାବୁ ଆନନ୍ଦରେ କହିଲେ—"ବାବୁଙ୍କୁ ଗାଡ଼ିରୁ ଡାକନ୍ତୁ, ଏଠି ରହିବାର ସବୁ ସୁବିଧା ଅଛି । ହୋଟେଲଇତ୍ୟାଦିରେ ରହିବାଟା ତାଙ୍କ ପକ୍ଷରେ ବଡ଼ ଅସୁବିଧା ହେବ ।" ଲୋକଟି ଗାଡ଼ିରୁ ବାବୁଙ୍କୁ ଡାକିବାକୁ ଆସିଲେ । ପ୍ରାଣଧନ ବାବୁ ଗୃକରକୁ ଡାକ ପକାଇଲେ, "ଆଣ୍‌ରେ ଧନା ! ଗୃରି ପାଞ୍ଚଟା ଚେୟାର୍ ଆଣ ।" ତା' ସଙ୍ଗେ ସଙ୍ଗେ ଠିଆ ହୋଇ ବି କହିଲେ, "ଧନା, ଫିରୁନି ସେ ଲୋକଟା ପାଖକୁ । ସାଇନ୍‌ବୋର୍ଡ଼ଟା ଲେଖିବାକୁ ପନ୍ଦରଦିନ ହେବ ନେଲାଣି ଯେ, ଆଜଯାଏ ଦେବାକୁ ନାହିଁ, ମକ୍କେଲମାନେ ଘର ଚିହ୍ନି ନ ପାରି ବଡ଼ ହଇରାଣ ହେଉଛନ୍ତି ।"

ଗାଡ଼ିରୁ ଓହ୍ଲାଇ ଗୃରିଜଣ ଲୋକ ଆସିଲେ । ତା ଭିତରୁ ସବ୍‌ରକାର ବାବୁ ବାରି ହୋଇ ଯାଉଥାନ୍ତି । ଦେଖିବାକୁ ବେଶ୍ ସବଳକାୟ, ବୟସ ତେତିଶ କମ୍ବା ଚଉତିରିଶି ହେବ । ବର୍ଣ୍ଣ ଶ୍ୟାମଳ । ଲମ୍ବା ପଞ୍ଜାବୀ ଉପରେ କୁଞ୍ଚକରି ଶାନ୍ତିପୁରୀ ଗୃଦର । ସବ୍‌ରକାର ବାବୁ ଚଟି ମଚ୍‌ମଚ୍ କରି ବାରଣ୍ଡା ଉପରକୁ ଉଠିଲେ । ତାଙ୍କ ପଛେ ପଛେ ଗୃରିଜଣ ଲୋକ କିଏ ହାତ ବାକ୍‌ସ, କିଏ କାଗଜ-ପତ୍ର ଧରି ବି ଉଠିଲେ । ପ୍ରାଣଧନ ବାବୁ ଉଠି ପଡ଼ି ସବ୍‌ରକାର ବାବୁଙ୍କୁ ଚୌକି ଦେଖାଇ ଦେଲେ । ସବ୍‌ରକାର ହାତ ଯୋଡ଼ି

Digitized by srujanika@gmail.com

ହସ ହସ ମୁହଁରେ ଦଣ୍ଡବତ କରି କହିଲେ—"କେଉଁ ଭାଗ୍ୟରୁ ଆପଣଙ୍କ ସଙ୍ଗରେ ଦେଖା ହେଲା ।" ପ୍ରାଣଧନ ବାବୁ ହସି ହସି ଉତ୍ତର ଦେଲେ—"ଆପଣ ମୋ ନାମ ଶୁଣି ଯେ ଆସିଛନ୍ତି, ଏହା ମୋ ପକ୍ଷରେ ବଡ଼ ସୌଭାଗ୍ୟର କଥା ।"

କାଗଜପତ୍ର କଥା କେତେ ସମସ୍ତ କଥାବାର୍ତ୍ତା ହେଲା ପରେ ପ୍ରାଣଧନ ବାବୁ କହିଲେ—"ଆପଣମାନେ ଗାଧୁଆ ପାଧୁଆ କରନ୍ତୁ, ଆଜି ହାଇକୋର୍ଟରେ ଗୋଟିଏ ଅପିଲ ଦାଏର କରିବାର ଅଛି । ମୁଁ ଟିକିଏ କାଗଜ ପତ୍ର ଦେଖେଁ ।" ପ୍ରାଣଧନ ବାବୁ ସେମାନଙ୍କର ସବୁ ବନ୍ଦୋବସ୍ତ କରାଇ ଦେଇ ଭିତରକୁ ଗଲେ । ଚାକର ଘର ଦେଖାଇ ଦେଲା । ସର୍ବରାକାର ବାବୁ ପଞ୍ଜାବୀ ଓହ୍ଲାଇ ଖଟ ଉପରେ ବସିଲେ । ଅନ୍ୟମାନେ କାଗଜପତ୍ର ସଜଡ଼ାସଜଡ଼ି କରି ରଖୁଥାନ୍ତି । ପନ୍ଦର ମିନିଟ୍ ବିତିଗଲା । ମାଳତୀ ଗୋଟିଏ ଗିନାରେ ବାସନା ତେଲ ଧରି ସେଇ ଘରକୁ ଆସିଲା । ମାଳତୀକୁ ଦେଖି ସମସ୍ତେ ମୁରୁକି ହସା ମାରିଲେ । ମାଳତୀ ଆନନ୍ଦରେ ଗୃହିଆଙ୍କୁ ଅନାଇଁ ଖଟ ଉପରେ ବସିଥିବା ସର୍ବରାକାର ବାବୁଙ୍କୁ ଦଣ୍ଡବତ କଲା । ସର୍ବରାକାର ବାବୁ ଆନନ୍ଦରେ ତା ମୁଣ୍ଡରେ ହାତ ବୁଲାଇ କହିଲେ, ବେଶ୍ । ତା' ପରେ ସର୍ବରାକାର ବାବୁ ଗୃହିଆଙ୍କୁ ଅନାଇଁ ଘରର ଗୋଟାଏ କଣକୁ ଡାକି ନେଲେ । ମାଳତୀ କନ କନ ହୋଇ ଗଲା । ସର୍ବରାକାର ବାବୁ ତା' କାନ ପାଖରେ କ'ଣ ଚୁପ୍ ଚୁପ୍ କରି କହିଲେ । ମାଳତୀ ମୁଣ୍ଡ ଟୁଙ୍ଗାରିଲା । ମାଳତୀ ବି ତାଙ୍କ କାନ ପାଖରେ କଣ ଚୁପୁ ଚୁପୁ କରି କହି ଖରବେଗରେ ସେ ଘରୁ ବାହାରକୁ ଚାଲିଆସିଲା ।

ନ'ଟା ବାଜିଲା । ପ୍ରାଣଧନ ବାବୁ ସର୍ବରାକାର ବାବୁଙ୍କୁ ଡାକିଲେ—"ଖେଷେଇ ବାସ ସରିଲାଣି, ଆପଣ ଖାଇବେ ଆସନ୍ତୁ ।" ଅନ୍ୟମାନଙ୍କୁ ପୁଝାରୀ ସେଇଠି ଦେଇ ଆସିବ । ସର୍ବରାକାର ବାବୁ

Digitized by srujanika@gmail.com

ଉଠିଗଲେ । ପ୍ରାଣଧନ ବାବୁଙ୍କ ଶୋଇବା ଘରେ ଦୁଇ ଜଣଙ୍କର ବଡ଼ା ବଡ଼ି ହୋଇଥିଲା । ଦୁହେଁ ହାତ ଧୋଇ ଖାଇ ବସିଲେ ।

ଖିଆ ପିଆ ସରିଲା । ବାବୁ ଆରାମ ଚେୟାର ଉପରେ ବସି ବିଶ୍ରାମ ନେଉଥା'ନ୍ତି । ସର୍ବକାର ବାବୁ ପାଖରେ ବସି ପାନ ଖଣ୍ଡେ ଚୋବାଉ ଚୋବାଉ ଜଣେ ଚାକରକୁ କହିଲେ—"ଡାଣ୍ଡିଘରୁ ମୋ ହାତ ବାକ୍ସଟା ସେମାନଙ୍କୁ କହି ନେଇ ଆସ ।" ଚାକରଟି ତରତର ହୋଇ ଚାଲିଗଲା । କିଛିକ୍ଷଣ ପରେ ବାକ୍ସଟି ଆଣି ତାଙ୍କ ଆଗରେ ଥୋଇଲା । ସର୍ବକାର ବାବୁ ଅଣ୍ଟାରୁ ଚାବି ବାହାର କରି ବାକ୍ସ ଫିଟାଇଲେ । ଶହେ ଟଙ୍କିଆ ସତଶ ଖଣ୍ଡି ନୋଟ ପ୍ରାଣଧନ ବାବୁଙ୍କ ଆଡ଼କୁ ବଢ଼ାଇ କହିଲେ, "ଏ ଅଢ଼େଇ ହଜାର ଟଙ୍କା ଆପଣ ଠିକଏ ଜଗି କରି ରଖିଥାନ୍ତୁ । ଟଙ୍କା ଦାଖଲ ହେବାକୁ କାଗଜ ପତ୍ରରେ ଟିକଏ ଗୋଳମାଳ ଅଛି । ପୁଣି ଅଫିସ ଇତ୍ୟାଦିରେ ଯାହା ଖର୍ଚ୍ଚ ହେବ ।"

ପ୍ରାଣଧନ ବାବୁ ଧାନୀ ଆଡ଼କୁ ଅନାଇ କହିଲେ—ମା'ଙ୍କ ପାଖରୁ ଚାବି ଆଣିଲୁ । ଧାନୀ ଚାବି ମାଗିଆଣି ଦେଲା । ପ୍ରାଣଧନ ବାବୁ ତାଙ୍କର ଯେଉଁ ଟଙ୍କାରଖା ଲୁହା ସିନ୍ଦୁକରେ ସୁନା ଗହଣା ଆଉ ଚହବଲ ରହେ, ସେହି ସିନ୍ଦୁକ ଫିଟାଇ ଅଢ଼େଇ ହଜାର ଟଙ୍କା ରଖି ଦେଲେ । ମୋଟ ଉପରେ ସେ ସିନ୍ଦୁକରେ ଯେତେ ସୁନା ଗହଣା ଆଉ ଟଙ୍କା ଥିଲା, ତାହା ହାରାହାରି ଦଶ ହଜାରରୁ କମ୍ ହେବ ନାହିଁ ।

ପ୍ରାଣଧନ ବାବୁ ପୋଷାକ ପିନ୍ଧି କଚେରୀକୁ ବାହାରିଲେ । ତାଙ୍କ ପଛେ ପଛେ ସର୍ବକାର ବାବୁଙ୍କର ଦୁଇଜଣ ଲୋକ ନକଲ ଇତ୍ୟାଦି ଆଣିବା ପାଇଁ କଚେରୀକୁ ମଧ୍ୟ ବାହାରିଗଲେ ।

ଦେହିଧାନ ବଡ ଧମକା । ଆଉ ଦି' ଜଣ ମକଦ୍ଦମା ଜରୁରୀ କାମରେ ଆସିଥିବାରୁ ପ୍ରାଣଧନ ବାବୁଙ୍କର କଚେରୀ ଏ

Digitized by srujanika@gmail.com

ପର୍ଯ୍ୟନ୍ତ ବି ଭାଙ୍ଗିନାହିଁ । ବାବୁ ଓକିଲ୍‌ଙ୍କ ବନ୍ଧୁପବ ଖେଳାଇବାରେ ବ୍ୟସ୍ତ । ସେତେବେଳକୁ ଟ୍ରେନ ଖାଇ ସାରିଲେଣି । ମାଷ୍ଟର ବାବୁ ବି ତାଙ୍କ ଶୋଇବା ଘରେ ନିଘୋଡ଼ ନିଦରେ ଶୋଇଲେଣି । ସୁରବାଳା କେବଳ ବାବୁଙ୍କ ପାଇଁ ଖଟ ଉପରେ ଢୋଳେଇ ଢୋଳେଇ ଖଣ୍ଡେ ବହି ଆଡ଼େ ଆଖି ପକାଉଥାନ୍ତି । ବାକି ପୁଅଝିଅ ଗୁଡ଼ିକରଗୁଡ଼ା କାନ-ପାରି କିଏ କେଉଁଠି ଦାଲିଆମାରି ଶୋଇ ପଡ଼ିଛନ୍ତି । ସବ୍‌ଜ୍‌ଙ୍କାର, ତାଙ୍କ ଲୋକମାନେ କେତେବେଳୁ ଦାଣ୍ଡଘରକୁ ଗଲେଣି ।

ମାଳତୀ, ଊର୍ମିଳା ସଙ୍ଗରେ କ'ଣ କଥାବାର୍ତ୍ତା ହୋଇ ସୁରବାଳା ଯେଉଁ ଘରେ ଶୋଇଥିଲେ ସେହି ଘରକୁ ଆସିଲା । ଖଟ ଉପରକୁ ଉଠି ସୁରବାଳାଙ୍କ ଗୋଡ଼ ମୋଡ଼ି ବସିଲା ।

ସୁରବାଳା ପଚାରିଲେ, "ଊର୍ମିଳା ଦେଈ ଶୋଇଲେଣି ?" ମାଳତୀ କହିଲା—"କେତେବେଳୁ ଶୋଇଲେଣି ।" ସୁରବାଳା କହିଲେ—"ତୁ ବସି ଦେଉଁ ଦେଉଁ ଯଦି ମୋତେ ନିଦ ଆସିଯାଏ, ତାହାହେଲେ ବାବୁ ଆସିଲେ ମୋତେ ଉଠାଇ ଦେବୁ ।"

ମାଳତୀ କହିଲା—"ଠିକ୍‌ଏ ଶୁଅନ୍ତୁ, ବାବୁ ଆସିଲେ ମୁ ଉଠାଇ ଦେବି ଯେ ।"

ସୁରବାଳା ବହିଖଣ୍ଡିକ ତକିଆ ଉପରେ ରଖି କଡ଼େଇ ହୋଇ ଶୋଇଲେ । ମାଳତୀ ଗୋଡ଼ଠାରୁ ଅଣ୍ଟାଯାଏ ଭଲ କରି ମୋଡ଼ି ଦେଉଥାଏ । ଘସାର ଆରାମରେ ସୁରବାଳା କିଛିକ୍ଷଣ ପରେ ନିଦରେ ଶୋଇ ପଡ଼ିଲେ । ମାଳତୀ ଦୁଇ ତିନିଥର ଡାକିଲା । ସୁରବାଳା ଜବାବ୍ ବି ଦେଲେ ନାହିଁ । ମାଳତୀ କନ କନ ହୋଇ ଏପାଖ ସେ ପାଖକୁ ଅନାଇ ପିଠି ପାଖକୁ ଆସିଲା । ଗୋଟିଏ ହାତରେ ବେକ ପାଖ ଚିପି ଦେଉଁ ଦେଉଁ ଅନ୍ୟ ହାତରେ ଆସ୍ତେ ତକିଆ ତଳୁ ଚାବିଟି ଆଣି ଅଣ୍ଟାରେ ଖୋସିଲା । ପୁଣି କିଛି ସମୟ

Digitized by srujanika@gmail.com

ଚପି ଦେଇ ଧୀରେ ଧୀରେ ଗୋଡ଼ ଚିପି ଚିପି ସେ ଘରୁ ବାହାରକୁ ଆସିଲା ।

ଏଗାରଟା ବାଜିବାକୁ ଆଉ ପାଞ୍ଚ ମିନଟ୍ ବାକି । ପ୍ରାଣଧନ-ବାବୁ ବନ୍ଧ ଘାଣ୍ଟିବାରେ ଲଗିଥାନ୍ତି । ମାଳତୀ ଏ ପାଖ ସେପାଖ ଅନାଇଁ ଅନାଇଁ ଦାଣ୍ଡଘରକୁ ଗଲା । ସେତେବେଳକୁ କାହାରିକୁ ନିଦ ନାହିଁ । ସର୍ବରାକାର ବାବୁ ଏ ପର୍ଯ୍ୟନ୍ତ ବିଛଣାରେ ପଡ଼ି ଏପାଖ ସେପାଖ ହେଉଛନ୍ତି । ମାଳତୀ ଗୋଡ଼ ଚିପି ଚିପି ଖଟ ପାଖକୁ ଗଲା । ଅନ୍ଧାରରେ ହଲାଇ ଦେଇ ଚୁପ୍ ଚୁପ୍ କରି ଡାକିଲା—"ସର୍ବାରିକା ! ସର୍ବାରିକା !"

ସର୍ବରାକାର ବାବୁ ଉଠି ପଡ଼ି ମାଳତୀ ମୁହଁ ପାଖରେ କାନ ଲଗାଇ ଦେଲେ । ମାଳତୀ ତାଙ୍କ ହାତରେ ଗୁଡ଼ିଏ ଧରାଇ ଦେଇ କ'ଣ ଚୁପ୍ ଚୁପ୍ କରି କହିଲା । ସେହି ଅନ୍ଧାର ଭିତରେ ସର୍ବରାକାର ବାବୁ ଖୁସିଟାଏ ହୋଇ ମାଳତୀକୁ ନିଜ ଆଡ଼କୁ ଟାଣି ନେଲେ । ମାଳତୀ ଆଉଜି ପଡ଼ିଲା । ସର୍ବରାକାର ବାବୁ ତା'ର ଚିବୁକରେ ଗୋଟିଏ ଚୁମ୍ବନ ଦେଲେ । ମାଳତୀ ତାଙ୍କ ଗୁଣ୍ଡରେ କ୍ଷଣେ ମାତ୍ର ନୀରବ ରହି ଶୀଘ୍ରବେଗରେ ସେ ଘରୁ ପଦାକୁ ବାହାରି ଆସିଲା ।

ମାଳତୀ ପୁଣି ସୁରବାଳାଙ୍କ ଘରକୁ ପଶିଯାଇଁ ଦେଖିଲା—ସେ ଏପର୍ଯ୍ୟନ୍ତ ବି କରି ନେଇଥାଇ ନାହାନ୍ତି । ମାଳତୀ ଗୋଡ଼ ପାଖରେ ବସି ଘସି ବସିଲା । ପ୍ରାଣଧନ ବାବୁ ଏଗାରଟା ବାଜିଲାଣି ବୋଲି ଧାନାକୁ କଟେରିଘର ବନ୍ଦ କରିବା ଲାଗି ଡାକି ଭିତରକୁ ଆସିଲେ । ମାଳତୀ ସୁରବାଳାଙ୍କୁ ହଲାଇ ଦେଇ ଡାକିଲା—"ମା; ବାବୁ ଆସିଲେଣି, ଉଠ !" ସୁରବାଳା ନିଦ ଘାଉ ଘର ହୋଇ ଉଠି-ବସିଲେ । ମାଳତୀକୁ କହିଲେ—"ଧୁଆଁଧିକୁ ଡାକେ, ଖାଇବା ଜିନିଷ ଆଣୁ । ମହନାକୁ କହ ଏଇଠି ଜାଗା କରି ଦେଇ ଯାଉ ।"

Digitized by srujanika@gmail.com

ମାଳତୀ ସେ ଘରୁ ବାହାରକୁ ଆସିଲା । ଊର୍ମିଳା ଦେଈଙ୍କ ପାଖକୁ ଯାଇ ଦେଖିଲା—ଊର୍ମିଳା ଗୋଟାଏ ସୁଟ୍‌କେଶରେ ତାର ସଧବା ବେଳର ସୁନା ଗହଣା, କେତେକ ଦରକାରୀ ଜିନିସ-ପତ୍ର ପୂରାଉଛି । ମାଳତୀ ତା କାନରେ କ'ଣ ଟିକିଏ ବଡ଼ ପାଟିରେ କହିଲା—"ତୁମେ ଶୋଇଥାଅ, ମୁଁ ଟିକିଏ ଡେରିରେ ଆସିବି ।"

ପ୍ରାଣଧନ ବାବୁ ଖାଇସାରି ଖଟ ଉପରକୁ ଗଲେ । ମାଳତୀ ଗୋଡ଼ ଆଉଁସି ବସିଲା । ସୁରବାଳା କହିଲେ ତୁ ଆଉଁସି ସାରି କବାଟ ଆଉଜେଇ ନେଇ ଯିବୁ । ମୁଁ ପରିସ୍ରା କରି ଗଲାବେଳେ କବାଟ ଦେବି ।

କାନ୍ଥ ଘଣ୍ଟାରେ ଠନ୍ ଠନ୍ ହୋଇ ବାରଟା ବାଜିଲା । ମାଳତୀ କାନ୍ଥ ଆଡ଼କୁ ଅନାଇଁ, କାନପାରି ନିଶ୍ୱାସ ବାରିଲା । ଦୁହେଁ ଯାକ ନିଘୋଡ଼ ନିଦରେ ଶୋଇଛନ୍ତି । ମାଳତୀ ଆସ୍ତେ ଖଟ ଉପରୁ ଓହ୍ଲାଇ ତଳକୁ ଆସିଲା । ବିଜୁଳି ଆଲୁଅଟି ଲିଭାଇ ଧୀରେ ଧୀରେ କବାଟ ଆଉଜାଇ ଅଗଣାକୁ ଆସିଲା ।

ଘରଆଡ଼ ନିଶୂନ—ନିରବ ! କାଳୀଜହ୍ନ ଟିକିଏ ପଡ଼ୁଛି । ପୁଷ୍ପାଙ୍କ ଘରର କିଏ କେଉଁଠି କବାଟ ଦେଇ ନିଘୋଡ଼ ନିଦରେ ଶୋଇ ଯାଇଛନ୍ତି । ମାଳତୀ ଗୋଡ଼ ଟିପି ଟିପି ବାରି କବାଟ ପାଖକୁ ଗଲା । ଖିଲିଟିକୁ ଆସ୍ତେ କାଢ଼ି, ବାହାରୁ କବାଟ ଆଉଜେଇ ନେଲା । ତା' ପରେ ବାରିଏ ବାରିଏ ଗଲା ଦାଣ୍ଡଘରକୁ ।

ସାଢ଼େ ବାରଟା—ଘରଆଡ଼ ନିଶୂନ । ଦାଣ୍ଡଘରେ ଅନ୍ଧାର ଭିତରେ ଗୋଟିଏ ମହମବତୀଟିଏ ଧକ୍‌ଧକ୍ ହୋଇ ଜଳୁଛି । ବର୍ତ୍ତ-ମାନ ସବ୍‌ଇନ୍‌ସ୍‌ପେକ୍ଟର ବାବୁ ଆଉ ସବ୍‌ରେଜିଷ୍ଟ୍ରାର ନୃହଁନ୍ତି—ସ୍ୱେଚ୍ଛାର ସର୍ଦ୍ଦାର "ଡାକମିଁ" । ମାଳତୀକୁ ଦେଖି ତାଙ୍କର ଅନ୍ୟମାନଙ୍କୁ ଚୋରାଡ଼ରେ ଉଠିବା ପାଇଁ ଇସାରା ଦେଲା । ଘରକଣ ଉଠି-

Digitized by srujanika@gmail.com

ବସିଲେ । ତା'ର ମିଂ କମ୍ବଲ୍ - ଦିଅ ମୋ ହାତକୁ ମୋ ଛୁରୀ, ତା' ଭିତରୁ ଜଣେ ଗୋଟାଏ ହାତମୁଣାରୁ ପାଞ୍ଚଟା କାଳିଆ କାଳିଆ ମୁଖା ବାହାର କଲା । ସମସ୍ତଙ୍କ ହାତକୁ ଗୋଟାଏ ଲେଖା ବଢ଼ାଇ ଦେଇ ନିଜେ ଗୋଟାଏ ପିନ୍ଧିଲା । ମୁଖାଟାକୁ ମୁଣ୍ଡରେ ଗଳାଇ ପକାଇଲେ, କେବଳ ଆଖି ଦୁଇଟି ଛଡ଼ା ଅନ୍ୟ କୌଣସି ଅଂଶ କିଛି ଦେଖାଯିବ ନାହିଁ । ତା ପରେ ସର୍ଦ୍ଦାରଙ୍କ ହାତକୁ ଅନ୍ୟ ଜଣେ ଗୋଟାଏ ବଡ଼ ଛୁରୀ ଧରାଇ ଦେଲା । ମାଳତୀ କବାଟ ଫିଟାଇ ଚାଲିଲା ଆଗେ ଆଗେ । ତା ପଛେ ପଛେ ପାଞ୍ଚଜଣ ।

ଗୋଟାଏ ରାତି । ଘରେ ଗୋଟାଏ କ'ଣ ଖଡ଼ ଖଡ଼ ଶବ୍ଦ ଶୁଣି ପ୍ରାଣଧନ ବାବୁ ଚମକି ଉଠିଲେ—କିଏ ?

ଫିଟାଇବା ଶବ୍ଦ ବନ୍ଦ ହେଲା ନାହିଁ । ପ୍ରାଣଧନ ବାବୁ ସୁରବାଳାକୁ ଠେଲି ଉଠି ପଡ଼ିଲେ ବିଜୁଳିବତୀଟା ଜଳାଇ ଦେବାକୁ । ଖଟ ଉପରୁ ତଳକୁ ପାଦ ନ ଦେଉଣୁ, ବେକରେ ଗୋଟାଏ ଧକ୍କା ଜୋରରେ ବସିଲା । ପ୍ରାଣଧନ ବାବୁ ସୁରବାଳାଙ୍କ ଉପରେ ଢୁଲ୍‌କିନା ପଡ଼ିଲେ । ସୁରବାଳା ଉପରେ ଗୋଟିପାକ ଥରୁଥା'ନ୍ତି । ପ୍ରାଣଧନ ବାବୁ ଉଠି ପାଟି କରିବା ପୂର୍ବରୁ ତାଙ୍କ ମୁଣ୍ଡରେ ଗୋଟାଏ ଠେଙ୍ଗା ଆସି ପଡ଼ିଲା । ପ୍ରାଣଧନ ବାବୁ ଓ ସୁରବାଳା ଉପରେ ଆଖି ମିଞ୍ଜି ମିଞ୍ଜି କରି ଯାହା ଦେଖିଲେ, ସେଥିରେ ପିଣ୍ଡରୁ ପ୍ରାଣ ଛାଡ଼ିଯିବାର କଥା । ଯମଦୂତ ପରି ଭୀଷଣକାୟ କେଇଜଣ ଲୋକ । ମୁଣ୍ଡରେ କଳା କନାର ଢାଙ୍କୁଣୀ, ହାତରେ ରୂପା ପରି ଚକ୍‌ ଚକ୍‌ ହାତେ ହାତେ ଲମ୍ବର ଛୁରୀ ତାଙ୍କ ମୁଣ୍ଡ ପାଖରେ ଝଲ ଝଲ ହେଉଛି । ସୁରବାଳା ଦେଖି ଦେଖୁ ତାଙ୍କର ଚେତା ବୁଡ଼ିଗଲା । ପ୍ରାଣଧନ ବାବୁଙ୍କର ମୁଣ୍ଡ ତଳି ପାଣି ଆପେ ଆପେ ହୋଇ ଆଖି ବୁଜି ହୋଇଗଲା ।

Digitized by srujanika@gmail.com

ତା ପରେ ତାଙ୍କ ଭିତରୁ ଦୁଇଜଣ ଟର୍ଚ୍ଚ ଲାଇଟ୍ ପକାଇ ତିନି ଗୁଡ଼ିଏ ଲୁଗା ଆଣି ଲମ୍ବା ଭାବରେ ଚିରି ପକାଇଲେ । ପ୍ରାଣଧନ ବାବୁଙ୍କ ଗୋଡ଼ ହାତ, ପାଟି ଖୁବ୍ ଯୋର୍‌ରେ ବାନ୍ଧି ସୁରବାଳାଙ୍କ ଗୋଡ଼ ହାତ ବାନ୍ଧିବାକୁ ଲାଗିଲେ । ଆଉ ଜଣେ ତାଙ୍କ ଦେହରେ ଥିବା ସୁନା ଗହଣା କାଢ଼ୁଥାଏ ।

ପାଞ୍ଚ ମିନିଟ୍ ଭିତରେ ସବୁ ଶେଷ । ସମସ୍ତେ ବାହାରି ପଡ଼ାକୁ ଆସିଲେ, କେହି କୁଆଡ଼େ ନାହାଁ । ରାସ୍ତାର ଅଳ୍ପ ଦୂରରେ ବାବୁ ଦୁଇଟା ଟ୍ରେନ୍ ଧରିବେ ବୋଲି ଆଗରୁ ବନ୍ଦୋବସ୍ତ ହୋଇ ଗୋଟାଏ ଘୋଡ଼ାଗାଡ଼ି ଠିଆ ହୋଇଥିଲା । ମାଳତୀ ସେତେବେଳକୁ ଊର୍ମିଳାଙ୍କୁ ନେଇ ଗାଡ଼ିରେ ବସାଇ ସାରିଲେଣି । କ୍ଷଣକ ଭିତରେ ସମସ୍ତେ ପୋଷାକ ବଦଳି ରାସ୍ତାକୁ ଆସିବାରୁ ମାଳତୀ ସର୍ଦ୍ଦାରଙ୍କ କାନ ପାଖରେ ଫୁସ୍ ଫୁସ୍ କରି କହିଲା—"ମୁଁ ଊର୍ମିଳା ଦେଈଙ୍କ ଘରେ ଶୁଏ ।" କାଲି ତାଙ୍କୁ ନ ପାଇ ବଡ଼ ଗୋଳମାଳ ହେବ । ମତେ କାଳେ କିଏ ସନ୍ଦେହ କରିବ ସେଥିପାଇଁ ମୁଁ କହୁଛି—'ଶୋଇବା ଘରେ ହାତ ଗୋଡ଼ ବାନ୍ଧି ମୋତେ ପକାଇ ଦେଇ ଆସ ।" ସର୍ଦ୍ଦାରଙ୍କ ମନକୁ କଥାଟା ବେଶ୍ ପାଇଲା । ସର୍ଦ୍ଦାରଜୀ ଅନ୍ୟ ଜଣେ ଲୋକକୁ ମାଳତୀ ସଙ୍ଗରେ ପଠାଇଲେ ।

ଦୁଇ ମିନିଟ୍ ଭିତରେ ସେ ଲୋକଟି ଫେରି ଆସିଲା । ସର୍ଦ୍ଦାରଜୀ କହିଲେ—"ତମେ ଉପରେ ବସ । ଗାଡ଼ିରେ ଜାଗା ହେବ ନାହିଁ । ଲୋକଟି ଉପରେ ବସିଲା, ସର୍ଦ୍ଦାରଜୀ ଡାକିଲେ, କଚୁଆନ୍ !

—ହଜୁର !

"ଗାଡ଼ି ହାଙ୍କମ ହୋ ଯାଏଗା, ଆଠଆନା ବକ୍‌ସିସ୍ ମିଲେଗା, ଜଲ୍‌ଦି ଚଲାଓ !"

Digitized by srujanika@gmail.com

ହଜୁର, କହ୍ନି କରୁସ୍ଥାନ୍ ଗାଡ଼ିକୁ ଖୁବ୍ ଜୋର୍‌ରେ ଦଉଡ଼ାଇଲା । ପୁଷ୍ପଗାଡ଼ି ଛାଡ଼ିବାକୁ ଦଶ ମିନିଟ ବାକି । ଗାଡ଼ି ଅଟକି-ଗଲା ଇଣ୍ଟରକ୍ଲାସ ଟିକଟ ରୁମ୍ ପାଖରେ । ବଗି ରହିବାରୁ ଦୁଇ ଜଣ କୁଲି ଧଡ଼ପଡ଼ ହୋଇ ଜିନିସ ପତ୍ର ନେବାକୁ ଦଉଡ଼ି ଆସିଲେ । ଗାଡ଼ି ଭିତରୁ ଜଣେ ଭୁବନେଶ୍ୱରକୁ ଟିକଟ କାଟିବାକୁ ତର ତର ହୋଇ ଓହ୍ଲାଇ ଆସିଲା । ସର୍ଦ୍ଦାରଜୀ ଗାଡ଼ିବାଲାକୁ ବକସିସ୍ ସହିତ ଗାଡ଼ିଭଡ଼ା ଦେଇ ପ୍ଲାଟଫର୍ମ ଭିତରକୁ ପଶିଗଲେ । କୁଲି ନେଇ ଗୋଟାଏ ଇଣ୍ଟରକ୍ଲାସରେ ଉଠାଇ ଦେଲା । ସମସ୍ତେ ଗାଡ଼ିରେ ବସିଲେ ।

କିଛିକ୍ଷଣ ପରେ ଗାଡ଼ି ଛାଡ଼ିବା ପାଇଁ ଷ୍ଟେସନରେ ତିନିଥର ଘଣ୍ଟା ବଜାଇ ଦିଆଗଲା । ଗାର୍ଡ଼ ସାହେବ ହୁଇସିଲ୍ ମାରି ନେଳି ଆଲୁଅ ହଲାଇଲେ । ସିଟି ଦେଇ ଗାଡ଼ି ଛାଡ଼ିଲା — ଭୁସ ଭୁସ୍ ।

Digitized by srujanika@gmail.com

ଠୁନି ଘେରରୁ ଦାନ୍ତ ଘସିବା ପାଇଁ ଉପରୁ ଆଖି ମଳି ମଳି ଓହ୍ଲାଇ ଆସୁ ଆସୁ ତଳ ପାହାଚ ପାଖରେ ଅନାଇଁ ଦେଲା, ବାପା ଶୋଇଥିବା ଘରଟା ମୁକୁଳା । ବାପା ଦାଣ୍ଡକୁ ଉଠିଗଲେଣି ବୋଲି ସୁରବାଳାକୁ ଡାକିବା ପାଇଁ ଘର ଭିତରକୁ ପଶି ଯାଇ ଠୁନି ଚିତ୍କାର ଛାଡ଼ିଉଠିଲା । ମାଷ୍ଟର ବାବୁ ତାଙ୍କ ଶୋଇବା ଘରୁ କବାଟଟା ଫିଟାଇ ଦଉଡ଼ି ଆସିଲେ । ପୁଝାରୀ-ଚାକର ଯିଏ ଯେଉଁଠି ଶୋଇଥିଲେ ଧାଇଁ ଆସିଲେ । ମାଷ୍ଟର ବାବୁ ଆବାକାବା ହୋଇ ଯାଇ ଆଗେ ପ୍ରାଣଧନ ବାବୁଙ୍କ ମୁହଁରେ ବନ୍ଧା ହୋଇଥିବା ଲୁଗାଟାକୁ ଫିଟାଇ ପକାଇଲେ । ଠୁନି ଖଟ ଉପରକୁ ବୁଲି ଯାଇ ସୁରବାଳାଙ୍କ ମୁହଁରୁ ଲୁଗା ଫିଟାଇ ପକାଇଲା । ଧାନା ଚାକର, ପୁଝାରୀ, କାନ୍ଧ କାନ୍ଧ ଗୋଡ଼ରୁ ଦଉଡ଼ି ଫିଟାଇଲେ ।

ଠୁନି ସୁରବାଳାଙ୍କୁ ହଲାଇ ପକାଇ ଡାକିଲା—"ବୋଉ ! ବୋଉ !" ସୁରବାଳା ଆଖି ଖୋଲିଲେ, କିନ୍ତୁ କଥା କହିବାକୁ ଶକ୍ତି ନ ଥିଲା । ପ୍ରାଣଧନ ବାବୁ ଅନେକକ୍ଷଣ ପରେ ଥରଥର ଗଳାରେ କହିଲେ—"ଟେ...ଟା...ଏ ପା...ଣି, ପାଣି ଟୋପାଏ !"

କ୍ଷଣକ ମଧ୍ୟରେ କଥା କ'ଣ, କଥା କ'ଣ, ବୋଲି ଘରେ ବାହାରେ ହୁରି ପଡ଼ିଗଲା । ପାଖ ଘରମାନଙ୍କରେ ଥିବା ଲୋକମାନେ ପାଟି ଗୋଳ ଶୁଣି ଦଉଡ଼ି ଆସିଲେ । ଘରେ ଆଉ କେଉଁଠି କ'ଣ ହୋଇଛି ବୋଲି ଦେଖିଲା ବେଳକୁ ସିନ୍ଦୁକ ଫିଟି ସୁନାଗହଣା ଟଙ୍କା ଇତ୍ୟାଦି ପ୍ରାୟ ଦଶ ହଜାର ଟଙ୍କାର ଚୋରି ଯାଇଛି । ପ୍ରାଣଧନ ବାବୁ ମୁଣ୍ଡରେ ହାତ ଦେଇ ବସିପଡ଼ିଲେ । ମାଷ୍ଟରବାବୁ ବୋଧ ଦେଇ କହିଲେ—"ଆପଣ ଜୀବନରେ ଅଛନ୍ତି ଏହି

Digitized by srujanika@gmail.com

ବଡ଼ କଥା, ଟଙ୍କା ପଇସା କଥା ପଛ । ଆପଣ ଆଗ ଥପ୍ପ ଧରନ୍ତୁ । ସେତିକିବେଳେ ଗ୍ରେଟ ଗୃକର ମହନା ଦାଣ୍ଡଆଡ଼ୁ ଧଇଁସଇଁ ହୋଇ ଆସି କହିଲା—ବାବୁ, ଦାଣ୍ଡଘରେ କାଲି ଯେଉଁ ଲୋକ ସବୁ ଥିଲେ ସେମାନେ ପଳାଇ ଗଲେଣି । ସେହି ଘରୁ ଏ ମୁଦିଟା ପାଇଲି । ସମସ୍ତଙ୍କର ବୁଝିବାରେ ଆଉ କିଛି ବାକି ରହିଲା ନାହିଁ । କାଲି ଯେଉଁମାନେ ଥିଲେ, ସେମାନେ ନିଶ୍ଚୟ ଏ ସବୁ ନେଇ ଚମ୍ପଟ୍ କରିଛନ୍ତି ।

ଏହି ଗୋଳମାଳ ଭିତରେ କିଏ କହିଲା—ଏ, "ମାଳତୀ କାହିଁ ?" ଝିନ ଭୁସ୍ ଭୁସ୍ ହୋଇ ଉପର ମହଲାକୁ ଦଉଡ଼ି ଯାଇ ଊର୍ମିଳା ଅପା ଶୋଇଥିବା ଘର ଦୁଆର ମୁହଁରେ ଠିଆ ହୋଇ ଡାକ ପକାଇଲା, ଧନା ! ଧନା ! ମାଷ୍ଟର ବାବୁଙ୍କୁ ଡାକ । ମାଳତୀ ନାହିଁ, ବାହାରୁ କବାଟ ବନ୍ଧା ହୋଇଛି । ମାଷ୍ଟର ବାବୁ ପ୍ରଭୃତି ଗୁରି ପାଞ୍ଚଜଣ ଉପର ମହଲାକୁ ଚଢ଼ିଗଲେ । ଧନା କବାଟ ଖୋଲି କହିଲା—"ମାଳତୀ ଚମ୍ପଟ ଦେଇଛି ବାବୁ । ଊର୍ମିଳା ଦେଈ ଏଠି ବନ୍ଧାହୋଇ ପଡ଼ିଛନ୍ତି ।" ମାଷ୍ଟର ବାବୁ ରାଗି କହିଲେ—"ଆରେ, ଆଗେ ଖୋଲ !"

ଧନା ମୁହଁ, ହାତ, ଗୋଡ଼ ଖୋଲି ପକାଇବା ବେଳକୁ ଊର୍ମିଳା ଦେଈ ବୁଝିଲେ—ମାଳତୀ । ମାଳତୀ ଏମିତି ଛନକା କରି ପଡ଼ିଥିଲା ଯେ, ତାକୁ ଯିଏ ଯେତେ ହଲାଇଲେ କିଛି ହେଲା ନାହିଁ, କି କଥା କହିଲା ନାହିଁ, ଖାଲି ଜୁଳୁ ଜୁଳୁ କରି ଅନାଇଲା । ଝିନ କହିଲା—"ଅପା କାହିଁ ?" ଧନା କହିଲା, "ଦେଈ କାହାନ୍ତି ?" କିଏ ବାରିକୁ ଦଉଡ଼ିଲା, କିଏ ଏ ଘର ସେ ଘର ଖୋଜିଲା, ଊର୍ମିଳା ଦେଈ କାହାନ୍ତି ? ଘରେ ଯାହା ଗୋଳମାଳ ହେଉଥିଲା, ଊର୍ମିଳାକୁ ଯେ ଚୋରମାନେ ନେଇ ଯାଇଛନ୍ତି, ଏ କଥାଟା ତାକୁ ଦୁଇଗୁଣ ବଢ଼ାଇ ଦେଲା ।

Digitized by srujanika@gmail.com

ଊର୍ମିଳାକୁ କିଏ ନେଇ ଯାଉଛି ବୋଲି ପ୍ରାଣଧନ ବାବୁ ଆତୁର ଚମ୍କିତ ହୋଇ ବସି ପଡ଼ିଲେ । ମାଷ୍ଟର ବାବୁ ଦଉଡ଼ିଲେ ଥାନାକୁ । ଘରର କାମ ଦାମ ଆଉ କରୁଛି କିଏ ?

ଦିନ ଦି ଘଡ଼ିସରିକେ ଏ ଘଟଣା ବଜାର ତମାମ ବୁଲି ହୋଇଗଲା । ଷ୍ଟେସନରେ ଗାଡ଼ିବାଲା ବି ପରିହାସ କରି କିଏ କିଏ କଥାବାର୍ତ୍ତା ହେଲେ—"ଆବେ ନୋହେନ୍ ! ତୁମ୍ ଏ ବାତ୍ ଶୁନା କି ନେହିଁ ? କାଠଯୋଡ଼ି କୂଳମେ ଯୋ ବଡ଼ା ଉକିଲ୍ ପ୍ରାଣଧନ ବାବୁ ହେ ନେଇଁ, କାଲ୍ ରାତ୍‌ମେ ଶାଲା କୋନ୍ ଡକାୟୁତ୍ ଇସ୍‌କା ବଡ଼ା ଯବାନ୍ ଲେଡ଼କି ଅଉର୍ ରୋପେୟା ଦଶ୍ ପନ୍ଦର୍ ହଜାର୍ ଲେକେ ଚମ୍ପଟ୍ ଦିୟା । ଅଭିତକ୍‌ଭି ଇସ୍‌କା ପତ୍ତା ମିଲତା ନେହିଁ ।"

* *

ଅଧଘଣ୍ଟା ମଧ୍ୟରେ ଟାଉନ ଥାନା ସବ୍‌ଇନ୍‌ସ୍ପେକ୍ଟର ଅମର ବାବୁ ସାଙ୍ଗରେ ଜଣେ ଜମାଦାର ଧରି ପହଞ୍ଚିଗଲେ । ପ୍ରଥମେ ଦାଣ୍ଡଠାରୁ ବାରି ଯାଏ ଥରେ ବୁଲି ଆସି ପ୍ରାଣଧନ ବାବୁ ବସିଥିବା ଘରକୁ ପଶିଲେ । ଘନା ଚେୟାର୍ ଖଣ୍ଡେ ଆଣି ପକାଇ ଦେଲା । ଅମର ବାବୁ ବସିଲେ ।

ପ୍ରାଣଧନ ବାବୁ ବଡ଼ ବ୍ୟସ୍ତ ହୋଇ ଖୋଲା ସିନ୍ଧୁକ ଆଡ଼କୁ ହାତ ଦେଖାଇ କହିଲେ—"ମୁଁ ଦୁନିଆରୁ ଉଚ୍ଛନ୍ନ ହୋଇ ଯାଉଛି, ମୋର ସବୁ ସରିଯାଉଛି ବାବୁ । ମୋର ଊର୍ମିଳା ଆଉ ନାହିଁ ।" ଆଉ କିଛି କହି ପାରିଲେ ନାହିଁ । ଅନ୍ତର ଭିତରୁ କୋହ ଉଠି ଆସିଲା । ପ୍ରାଣଧନ ବାବୁ ମୁଣ୍ଡରେ ହାତ ଦେଇ ନୀରବରେ ବସି ରହିଲେ ।

ଅମର ବାବୁ ତାଙ୍କୁ ସାନ୍ତ୍ୱନା ଦେଇ ଚେୟାରରୁ ଉଠିପଡ଼ିଲେ, ସିନ୍ଧୁକଟିକୁ ପରୀକ୍ଷା କରି ଦେଖିଲେ, କୌଣସି ଅଂଶ ଭଙ୍ଗା ହୋଇ ନାହିଁ, କି କୌଣସି ହତିଆର ହାବ ଚଡ଼ା ହୋଇ

Digitized by srujanika@gmail.com

ନାହିଁ । ଗୃହଦ୍ୱାର ଯେ ଫିଟାଇ ହୋଇଛି, ଏଥିରେ ଟିକିଏ ମାତ୍ର ସନ୍ଦେହ ନାହିଁ । ଅମର ବାବୁ ପୁଣି ଆସି ଚେୟାର୍‌ରେ ବସିଲେ । ପ୍ରାଣଧନ ବାବୁ ମୁହଁ ହଲାଇ କହିଲେ, "ଏଥିରେ ଆଉ କ'ଣ ସନ୍ଦେହ ଅଛି ଅମର ବାବୁ ? କାଲି ଯେଉଁ ସମ୍ବାଦଦାତାର ନାମ କହି ଗୃହର ପାଞ୍ଚ ଜଣ ଲୋକ ଏଠି ଥିଲେ, ସେହିମାନେ ଯେ ଏ କାଣ୍ଡ କରିଛନ୍ତି ଏଥିରେ ଟିକିଏ ହେଲେ ଭୁଲ ନାହିଁ ।"

ଅମର ବାବୁ କହିଲେ—"ଆଚ୍ଛା, ମୁ ଆପଣଙ୍କୁ ଏ ବିଷୟରେ କେତୋଟି ପ୍ରଶ୍ନ ପଚାରୁଛି, ଅନୁଗ୍ରହ କରି କହନ୍ତୁ ।"

ପ୍ରାଣଧନ ବାବୁ କହିଲେ—"ଆଚ୍ଛା, ପଚାରନ୍ତୁ ।"

ଅମର ବାବୁ କହିଲେ—"ଆପଣଙ୍କ ଶୋଇବା ଘରେ ଯେ ଏ ସିନ୍ଦୁକରେ ଟଙ୍କା ପଇସା ଥିଲା, ସେମାନେ କୌଣସି ଉପାୟରେ ଦେଖିବାକୁ କ'ଣ ସୁବିଧା ପାଇଥିଲେ ?"

ପ୍ରାଣଧନ ବାବୁ କହିଲେ—"ଆପଣ ଆଗେ ମୋ କଥା ଶୁଣନ୍ତୁ, ସେମାନେ ଦେଖିବାକୁ ବେଶ ସୁବିଧା ପାଇଥିଲେ । ସେହି ଗୃହର ପାଞ୍ଚ ଜଣଙ୍କ ଭିତରେ ଯିଏ ସମ୍ବାଦଦାତା ବୋଲି ପରିଚୟ ଦେଇଥିଲେ, ସେ ଅତି ବଡ଼ ଲୋକ ପରି ଦେଖା ଯାଉଥିଲେ । ମୁଁ କାଲି ଦିନରେ ଏହି ଘରେ ତାଙ୍କୁ ଖାଇବାକୁ ଡାକିଥିଲି । ଖାଇ ପିଇ ସାରିଲା ପରେ ମୁଁ ଏଠି ବସିଛି, ସେ ଖଟ ଉପରେ ବସି ଦାନ୍ତଘରୁ ତାଙ୍କ ହାତ ବାକ୍ସଟା ମଗାଇଲେ । ତା'ପରେ ତାଙ୍କ ହାତବାକ୍ସ ଫିଟାଇ ମୋ ଆଗରେ ଶହେ ଟଙ୍କିଆ ପଚିଶ ଖଣ୍ଡ ନୋଟ ବଢ଼ାଇ ଦେଇ କହିଲେ, କଚେରୀରେ ଟଙ୍କା ଦାଖଲ ଦେବାକୁ ଟିକିଏ ଅସୁବିଧା ଅଛି । ଆପଣ ଏ ଅଢ଼େଇ ହଜାର ଟଙ୍କା ରଖିଥାନ୍ତୁ । ସେମାନେ ଯେ ଗୃହର ଡକାୟତ ସାଜି ଆସିଛନ୍ତି, ଏ କଥା ଯଦି ମୁଁ ଜାଣିଥାନ୍ତି, ତାଙ୍କର ଆଗରେ ସିନ୍ଦୁକ ଖୋଲି ସେ ଟଙ୍କାତକ ରଖି ଦେଇ ନ ଥାନ୍ତି ।"

Digitized by srujanika@gmail.com

ଅମର ବାବୁ ଟିକଏ କ'ଣ ଭାବି କହିଲେ—"ଆଚ୍ଛା ଗହଣାଟା ଆପଣ ତା' ପରେ କ'ଣ କଲେ ?"

ପ୍ରାଣଧନ ବାବୁ କହିଲେ—"ସଙ୍ଗେ ସଙ୍ଗେ ସେ ଗହଣାଟା ମୋର ସ୍ତ୍ରୀ ପାଖକୁ ପଠାଇ ଦେଇଥିଲି ।"

ଅମରବାବୁ ଅନୁରୋଧ କଲେ—"ଆପଣଙ୍କର ଯଦି କିଛି ଆପତ୍ତି ନ ଥାଏ, ତାହାହେଲେ ଆପଣଙ୍କ ସ୍ତ୍ରୀଙ୍କୁ ଦୁଇ ତିନିଟା କଥା ପଚାରନ୍ତୁ ।"

ପ୍ରାଣଧନ ବାବୁ ବଡ଼ ଆଗ୍ରହରେ ଧନାକୁ ଡାକି କହିଲେ—"ମା'ଙ୍କୁ ଏଠିକୁ ଡାକି ଆଣେ ରେ ?"

ଧନା ସୁରବାଳାଙ୍କୁ ଡାକିଆଣିଲା । ସୁରବାଳା ଆଲମିରା ଉହାଡ଼ରେ ବସିଲେ ।

ଅମର ବାବୁ ପଚାରିଲେ—"ଆଚ୍ଛା, ଆପଣ କାଲି ରାତିରେ ଗହଣାଟାକୁ କେଉଁଠି ରଖିଥିଲେ ?"

ସୁରବାଳା ନରମ ଗଳାରେ କହିଲେ—"ମୋର ଖିଆଲ୍ ଅଛି, ରାତି ସାଢ଼େ ଆଠଟା ସମୟରେ ଶୋଇବାକୁ ଗଲାବେଳେ ମୋ ତକିଆ ତଳେ ରଖିଥିଲି ।"

ଅମର ବାବୁ ପଚାରିଲେ—"ସେତେବେଳେ ଆପଣଙ୍କ ପାଖରେ ଆଉ କିଏ ଥିଲା ?"

ସୁରବାଳା କହିଲେ—"ଅନେକ ସମୟ ଯାଏ ମାଳତୀ ମୋ ଗୋଡ଼ ଆଉଁସି ଦେଉଥିଲା ।"

ଅମର ବାବୁ—ଆଚ୍ଛା, ଆଉ କେଉଁଦିନ କେତେବେଳେ ତକିଆ ତଳେ ଗହଣା ରଖିବାର ମାଳତୀ ଦେଖିଛି ?

ସୁରବାଳା କହିଲେ—"ହଁ ।"

ଅମର ବାବୁ ଆଉ ଟିକିଏ ଆଗ୍ରହ ଦେଖାଇ କହିଲେ—"ସେ କ'ଣ ଆପଣଙ୍କୁ ସବୁ ଦିନ ଘଷି ଦିଏ ?"

Digitized by srujanika@gmail.com

ସୁରବାଳା କହିଲେ—"ପ୍ରାୟ ସବୁଦିନେ ।"

ଅମର ବାବୁ ପୁଣି ପଚାରିଲେ—"ଆପଣ କାଲି ଯେଉଁ ଥାଉଁ ଥାଉଁ ସେ ଆପଣଙ୍କ ପାଖରୁ ଉଠି ଆସିଥିଲା, ନା ସେମିତି ଆଉଁସି ଦେଉଥିଲା ?"

ସୁରବାଳା କହିଲେ—"ମୋତେ ଆଉଁସି ଦେଉ ଦେଉ ନିଦ ଲାଗିଗଲା । ବାବୁ ଏଗାରଟା ବେଳେ କଚେରୀ ଘରୁ ଆସିଲାବେଳେ ବି ମାଳତୀ ମୋ ପାଖରେ ବସି ମୋତେ ଉଠାଇ ଦେଇଥିଲା ।"

ତା'ପରେ ଅମର ବାବୁ କହିଲେ—"ଆଚ୍ଛା ଆପଣ ଯାଆନ୍ତୁ ।" ସୁରବାଳା ସେ ଘରୁ ଚାଲିଗଲେ । ଅମର ବାବୁ ପ୍ରାଣଧନ ବାବୁଙ୍କ ପାଖକୁ ମୁହଁ ଦେଇ କହିଲେ—"ମୋର କାହିଁକି ଆପଣଙ୍କ ଚାକରାଣୀ ବିଷୟ ନେଇ ଟିକିଏ ସନ୍ଦେହ ହେଉଛି । ଆପଣଙ୍କର ମତ କ'ଣ ?"

ପ୍ରାଣଧନ ବାବୁ କହିଲେ—"ନା, ନା, ବିଚରା ନିଆଶ୍ରୀଟାକୁ ହଇରାଣ କରିବା ଠିକ୍ ନୁହେଁ । ଆମେ ତାକୁ ବେଶ୍ ଜାଣିଛୁ, ତାର ପ୍ରକୃତି ସେମିତି କିଛି ଖରାପ ନୁହେଁ ।"

ଅମର ବାବୁ ତାଙ୍କ ଡାଇରୀରେ ଟିପୁ ଟିପୁ କହିଲେ "ଆଚ୍ଛା, ଆପଣଙ୍କ ଚାକରାଣୀ ମାଳତୀକୁ ଏଠିକୁ ଡାକନ୍ତୁ ତ ?" ପ୍ରାଣଧନ ବାବୁ ଧନାକୁ କହିଲେ, —"ମାଳତୀକୁ ଡାକଆଣ । ଧନା ମାଳତୀକୁ ଡାକଆଣିଲା । ଦୁଆର ମୁହଁରେ ମାଳତୀ ଆସି ଠିଆ ହୋଇଥାଏ ।

ଅମର ବାବୁ ଟିକିଏ ରୁଢ଼ ସ୍ୱରରେ କହିଲେ—"ମୁଁ ଯାହା ପଚାରିବି ସତ ସତ କହିବ ।" ମାଳତୀ ମୁଣ୍ଡ ଟେକାରିଲା । ଅମର ବାବୁ ପଚାରିଲେ—"ତମେ ଯେଉଁ ଘରେ ଶୁଅ, ଉର୍ମିଳା ଦେଈ ସେଇ ଘରେ ଶୁଅନ୍ତି ନା ?"

ମାଳତୀ କହିଲା—"ଆଜ୍ଞା, ହଁ ।"

ଅମରବାବୁ କହିଲେ—"ତୁମେ କାଲି ଏଘରୁ ଶୋଇବାକୁ ଗଲାବେଳକୁ କେତେବେଳ ହୋଇଥିଲା ?

Digitized by srujanika@gmail.com

ମାଳତୀ କହିଲା—"ମା'ଙ୍କୁ ଘଷି ଦେଇ ଶୋଇବାକୁ ଗଲା-ବେଳକୁ ଏଗାରଟାଠୁଁ ବେଶୀ ସମୟ ହୋଇଥିଲା।"

ଅମର ବାବୁ ପଚାରିଲେ—"ତୁମେ ଯେଉଁ ଘରେ ଶୁଅ, ସେ ଘରେ ଶୋଇବା ପୂର୍ବରୁ କବାଟ ଦିଅ, ନା ମୁକୁଳା ଥାଏ ?"

ମାଳତୀ କହିଲା—"କେବେ କେବେ ମୁକୁଳା ଥାଏ । ଆଜିକାଲି ଶୀତ ହେବାରୁ ବରାବର କବାଟ ଦିଆ ହେଉଛି।"

ପୁଣି ଅମର ବାବୁ ପଚାରିଲେ—"ତୁମେ ଶୋଇବାକୁ ଗଲା-ବେଳେ ସମ୍ଭବତଃ ଊର୍ମିଳା ଦେଈ ଶୋଇ ଯାଇଥିଲେ । ତୁମେ କବାଟ ଦେଇଛ ? "

ମାଳତୀ ଟିକିଏ କ'ଣ ଭାବି କହିଲା—"ହଁ, ମୁଁ କବାଟ ଦେଇ ସାଇଁ ଶୋଇଲି । ମୋର ଶ୍ଳେଷ୍ମା ହୋଇଛି, ମୋତେ ଘୁମ ଲାଗିଗଲା ବେଳକୁ ଊର୍ମିଳା ଦେଈ ପୁଣି ଥରେ କବାଟ ଫିଟାଇ ବାହାରକୁ ଆସିଥିଲେ ।"

ଅମର ବାବୁ ପଚାରିଲେ—"ଊର୍ମିଳା ଦେଈଙ୍କୁ ଯେ ଡକାୟତ-ମାନେ ନେଇଗଲେ, ତୁମେ ବଡ଼ପାଟି କରି ଡାକିଲ ନାହିଁ କାହିଁକି ? "

ମାଳତୀ କହିଲା—"ମୋର ଯଦି ଜୁ ଥାଆନ୍ତା ବାବୁ ! ମୁଁ ଡାକି ନ ଥାନ୍ତି ? ମୁଁ ନିଦରେ ଶୋଇଛି । କିଏ ଗୁଡ଼ା ଘର ଭିତରକୁ ପଶି ଆସି ମୋ ମୁହଁରେ ଲୁଗା ଦେଇ, ପାଟିରେ ଲୁଗା ବଣ୍ଡାଟାଏ ପୂରାଇ ଦେଲେ । ମୁଁ ଆଉ କିଛି ଦେଖି ପାରିଲି ନାହିଁ, କି କହି ପାରିଲି ନାହିଁ । ଖାଲି ଶୁଣିଛି, ଗୋଟାଏ ଗୋଳ ଶବ୍ଦ । ସକାଳେ ଯନା ମୋ ମୁହଁ ଫିଟାଇବାରୁ ଜାଣିଲି ଯେ ଊର୍ମିଳା ଦେଈଙ୍କୁ କିଏ ଚୋର ନେଇ ଯାଇଛନ୍ତି ।" ଏ କଥା କହିଲା ବେଳେ ମାଳତୀ କାନ୍ଦି କାନ୍ଦି ହୋଇ ଆଖିରୁ ଲୁହ ବି ପୋଛି ପକାଉଥାଏ ।

Digitized by srujanika@gmail.com

ତା'ପରେ ଅମର ବାବୁ ଅନେକ ସମୟ ଯାଏ ପ୍ରାଣଧନବାବୁଙ୍କୁ ଆଉ କେତେକ କଥା ପଚରାପଚାରି କରି କହିଲେ—"ବର୍ତ୍ତମାନ ମୁଁ ଯାଉଛି । ମୋର ଯେତେଦୂର ଆଶା, ଡକାୟତମାନେ ଧରା ପଡ଼ି ପାରନ୍ତି । ତେବେ ଏ ଭଳି ଗୋଟାଏ ଚୋରି ବଡ଼ ରହସ୍ୟଜନକ । ମୁଁ ପୁଣି ଥରେ ଆପଣଙ୍କ ପାଖକୁ ଆସିବ ।" ପ୍ରାଣଧନ ବାବୁଙ୍କୁ ନମସ୍କାର କରି ଅମର ବାବୁ ଚାଲିଗଲେ ।

ଏଭଳି ଗୋଟାଏ ଡକାୟତି ଯୋଗୁଁ ପୋଲିସ ମହଲରେ ଗୋଟାଏ ଚହଳ ପଡ଼ିଗଲା । ପୋଲିସ ସାହେବ ଏ ବିଷୟ ନେଇ ଜୋର୍ କରି ମତ ପ୍ରକାଶ କଲେ—ଏଭଳି ଗୋଟାଏ ଡକାୟତ ଦଳର ପତ୍ତା ପାଇବା ପାଇଁ ପ୍ରାଣପଣେ ଚେଷ୍ଟା କରିବା ଉଚିତ୍ ।

ଦୁଇଦିନ ପରେ ହଠାତ୍ ଚାରିଟାବେଳେ ଜଣେ କନେଷ୍ଟବଲ ପ୍ରାଣଧନ ବାବୁଙ୍କୁ ଥାନାରୁ ଡାକିବାକୁ ଆସିଲା । ପ୍ରାଣଧନ ବାବୁ ମଟରରେ ବସି ସଙ୍ଗେ ସଙ୍ଗେ ଥାନାକୁ ଗଲେ ।

ଥାନାରେ ଯାଇ ଦେଖିଲେ, ତାଙ୍କର ପରିଚିତ ପୋଲିସ୍ ସାହେବ ଇତ୍ୟାଦି କେତେ ଜଣ କର୍ମଚାରୀ ତାଙ୍କରି ଅପେକ୍ଷାରେ ଅଛନ୍ତି ।

ନମସ୍କାର ଆଦାନ-ପ୍ରଦାନ ପରେ ପୋଲିସ ସାହେବ ପ୍ରାଣଧନ ବାବୁଙ୍କୁ ଅନ୍ୟ ଗୋଟିଏ କୋଠରୀକୁ ଡାକି ନେଲେ । ସେଠାରେ ସେ ପ୍ରାଣଧନ ବାବୁଙ୍କୁ ବସାଇ କହିଲେ—"ଆପଣଙ୍କର ଟଙ୍କା ପଇସା ଚୋରି ଯିବା ଦ୍ୱାରା ମୁଁ ଯେତେ ଦୁଃଖିତ ନୁହେଁ, ତା' ଅପେକ୍ଷା ଆପଣଙ୍କ ଝିଅଟି ପାଇଁ ବିଶେଷ ଦୁଃଖିତ ।" ଏଭଳି ଗୋଟାଏ ବଦମାସ୍ ଡକାୟତ ଦଳର ଯଦି ଏଥି ମଧ୍ୟରେ ସନ୍ଧାନ ନ ମିଳେ, ତାହାହେଲେ ଏଠି ଆଉ ଝିଅ ବୋହୂ ନେଇ ଭଦ୍ରଲୋକମାନେ ରହି ପାରିବେ ନାହିଁ ।"

ପ୍ରାଣଧନ ବାବୁ କହିଲେ—"ଦେଖୁଛନ୍ତି ତ ଆପଣ, ଦିନରେ ଭଦ୍ରଲୋକ ସାଜି, ରାତିରେ ବେଳକରେ ଛୁରୀ ଦେଉଛନ୍ତି ।"

ପୋଲିସ ସାହେବ ପ୍ରାଣଧନ ବାବୁଙ୍କ ଆହୁରି ନିକଟକୁ ଚେୟାର ଟାଣିନେଇ ଚୁପ୍ ଚୁପ୍ କରି କହିଲେ—"ଯାହା ତ ହେବାର ହେଲାଣି, ଆଉ ଆପଣ ବ୍ୟସ୍ତ ହେଲେ କିଛି ଲାଭ ନାହିଁ । ବର୍ତ୍ତମାନ ଏକମାତ୍ର ଚିନ୍ତା, କିପରି ସେମାନଙ୍କର ସନ୍ଧାନ ମିଳିବ । ଆପଣଙ୍କର କନ୍ୟା, ଜିନିଷ ପତ୍ରର କିପରି ଶୀଘ୍ର କୌଣସି ଉପାୟରେ ଫେରି ପାଇବେ, ସେଥିପାଇଁ ମୁଁ ଅତି ସାବଧାନତା ସହ ତ ର ଚେଷ୍ଟା କରୁଛି; କିନ୍ତୁ ଆପଣଙ୍କୁ ଗୋଟାଏ କଥା ଅତି ସତର୍କତାସହ ଲୁଚାଇ ରଖିବାକୁ ହେବ, ସେକଥା ଲେଶ ମାତ୍ର ଯଦି କିଏ ଜାଣେ ତା' ହେଲେ ଆମ୍ଭମାନଙ୍କର ଏତେ ଚେଷ୍ଟା ଅକାରଣ ହୋଇଯିବ, ତା ସଙ୍ଗେ ସଙ୍ଗେ ବି ଆପଣଙ୍କର ବିଶେଷ ଅନିଷ୍ଟ ହେବ । ଆପଣଙ୍କ ସ୍ତ୍ରୀଙ୍କୁ ବି ଦିନେ ହେଲେ ଏ କଥା କହିବେ ନାହିଁ ।"

ପ୍ରାଣଧନ ବାବୁ ଟିକିଏ କ'ଣ ଭାବି କହିଲେ—"ଏ କଥାଟା ଦ୍ୱାରା ଯଦି ଆପଣଙ୍କର ଚେଷ୍ଟା ସଫଳ ହୁଏ, ଆଉ ମୋର ଉପକାର ହୁଏ, ତାହାହେଲେ କଥାଟା କାହା ଆଗରେ କହିବା ଲାଭ କ'ଣ ?"

ପୋଲିସ ସାହେବ କହିଲେ—"ଆପଣଙ୍କ ଘରେ ଜଣେ ଗୁପ୍ତ ବିଭାଗୀୟ ପୋଲିସ କିଛିଦିନ ପାଇଁ ରହିବେ ।" କାହିଁକି ରହିବେ, ଇତ୍ୟାଦି କଥା ଆପଣଙ୍କର ବର୍ତ୍ତମାନ ବୁଝିବା କିଛି ଦରକାର ନାହିଁ । ମୋଟ ଉପରେ ଆପଣଙ୍କ ଉପକାର ହେବ ମାତ୍ର । ମୋର ଏତିକି ଅନୁରୋଧ, ଦୁଇଦିନ ପରେ ଆମର ଜଣେ ଲୋକ ବିଛଣା-ଟ୍ରଙ୍କ ଇତ୍ୟାଦି ନେଇ ଆପଣଙ୍କ ଘରେ ପହଞ୍ଚିବେ । ଆପଣ ତାଙ୍କୁ ଦେଖି ଘରେ ସମସ୍ତଙ୍କୁ ପରିଚୟ କରାଇ ଦେବେ ଏ ହେଉଛନ୍ତି ମୋର ପିଲାଦିନର ଜଣେ ବନ୍ଧୁଙ୍କର ପୁଅ । ଇଏ ସମ୍ବଲପୁର କଚେରୀରୁ ଏଠିକୁ ବଦଳି ହୋଇ ଆସିଛନ୍ତି; ବର୍ତ୍ତମାନ ତାଙ୍କର ଅନ୍ୟ ସୁବିଧା

Digitized by srujanika@gmail.com

ହେବା ଯାଏ ଦୁଇ ତିନିମାସ ଆମ ଘରେ ରହିବେ । ଏ ମୋର ପୁଅପରି, ତାଙ୍କୁ ଲାଜ ସରମ କରି ଆଉ ଉହାଡ଼ ହେବା କିଛି ଦରକାର ନାହିଁ । ଏହା ଛଡ଼ା ଆଉ କାହା ଆଗରେ କିଛି କହିବେ ନାହିଁ ।”

ପ୍ରାଣଧନ ବାବୁ କିଛିଏ ଚିନ୍ତିତ ହୋଇ କହିଲେ—“ଆପଣ ଯେଉଁ ଲୋକଟିକୁ ପଠାଇବେ, ମୁଁ ତାଙ୍କୁ ବର୍ତ୍ତମାନ ଦେଖିପାରେ କି ?”

ପୋଲିସ୍ ସାହେବ କହିଲେ—“ହଁ, ଆପଣଙ୍କ ପାଖକୁ ମୁଁ ତାଙ୍କୁ ଡାକୁଛି । ଆପଣ ତାଙ୍କ ସମ୍ବନ୍ଧରେ ଅନ୍ୟ କିଛି ଭାବନ୍ତୁ ନାହିଁ । ଆପଣ ମୋର ବନ୍ଧୁ, ମୁଁ ଅତି ଜୋର କରି କହିପାରେ, ତାଙ୍କର ଚରିତ୍ର ଅତି ଉତ୍ତମ ।” ତ’ ପରେ ପୋଲିସ ସାହେବ ଜଣେ କନେଷ୍ଟବଲକୁ ଡାକି କହିଲେ—“ସବ୍-ଇନସ୍‌ପେକ୍ଟର ବାବୁଙ୍କ ବସାରେ ମହେନ୍ଦ୍ର ବାବୁ ଅଛନ୍ତି, ଡାକି ଆଣିଲ ?”

କନେଷ୍ଟବଲ ‘ହଜୁର’ କହି ଡାକିବାକୁ ଚାଲିଗଲା । କିଛି-କ୍ଷଣ ପରେ ଜଣେ ସୁନ୍ଦର ବଳିଷ୍ଠ ଅଳ୍ପବୟସ୍କ ଯୁବକ ଆସି ପ୍ରାଣଧନ ବାବୁଙ୍କୁ ନମସ୍କାର କଲେ । ପୋଲିସ୍ ସାହେବ ପ୍ରାଣଧନ ବାବୁଙ୍କୁ ଚିହ୍ନାଇ ଦେଇ କହିଲେ, “ଏହି ବାବୁଙ୍କ କଥା ମୁଁ ଆପଣଙ୍କୁ କହୁଥିଲି । ଏହି ବାବୁଙ୍କ ନାମ ମହେନ୍ଦ୍ରନାଥ ପଟ୍ଟନାୟକ । ସନ୍ଧାନ କରି ଚୋରର ଡକାୟତି ଧରିବାରେ ଏ ବାବୁଙ୍କର ଏ ଅଳ୍ପ ଦିନ ଚାକିରି ମଧ୍ୟରେ ବେଶ ନାମ ଅଛି ।”

ପ୍ରାଣଧନ ବାବୁ ଗୋଡ଼ଠାରୁ ମୁଣ୍ଡଯାଏ ଅନାଇଁ ଆନନ୍ଦ ପ୍ରକାଶ କରି କହିଲେ—“ବେଶ୍, ଆପଣଙ୍କ ଦୟାରୁ ଯଦି··· ।”

ପୋଲିସ୍ ସାହେବ କହିଲେ—“କିଛି ଭାବନ୍ତୁ ନାହିଁ । ଈଶ୍ୱର ଆପଣଙ୍କୁ ସହାୟ ହେବେ । ଏ ବାବୁ ପରଦିନ ଆସାନ୍‌ସୋଲ୍ ଛାଡ଼ ପରେ ଯିବେ; କିନ୍ତୁ ଭଲକରି ମନେ ରଖନ୍ତୁ ଯେପରି କେହି କିଛିଏ ହେଲେ ଏହାଙ୍କ ସନ୍ଧାନ ନ ପାଆନ୍ତି ।”

Digitized by srujanika@gmail.com

ପ୍ରାଣଧନ ବାବୁ ବଡ଼ ଗମ୍ଭୀର ଭାବରେ କହିଲେ—"ନା, ନା, ମୋତେ ବେଶୀ କହିବା କିଛି ଦରକାର ନାହିଁ । ଏ ବାବୁଙ୍କର ମୋ ଦ୍ୱାରା ଯାହା ସୁବିଧା ହେବାର କଥା, ମୁଁ ତାର ଯଥାସାଧ୍ୟ ଚେଷ୍ଟା କରିବି । ଆଚ୍ଛା, ବର୍ତ୍ତମାନ ମୁଁ ଯାଇପାରେ ?"

ପୋଲିସ୍ ସାହେବ ଉଠି ପଡ଼ି କହିଲେ—"ଆଜ୍ଞା, କିଛି ଭାବିବେ ନାହିଁ । ଆପଣଙ୍କୁ ବହୁତ କଷ୍ଟ ଦିଆ ହେଲାଣି । ଆମର କାମ ଶେଷ ହୋଇ ଯାଇଛି ।"

ପ୍ରାଣଧନ ବାବୁ ନମସ୍କାର କରି ଗାଡ଼ିରେ ବସିଲେ । ଡ୍ରାଇଭର ଗାଡ଼ି ଷ୍ଟାର୍ଟ୍ କରି କହିଲା—"କେଉଁବାଟେ ନେବି ବାବୁ ?"

ପ୍ରାଣଧନ ବାବୁ କହିଲେ—"ମହାନଦୀ କୂଳ ଦେଇ ଟିକିଏ ବୁଲାଇ ନେ ।" ଡ୍ରାଇଭର ହର୍ଣ୍ଣ ଦେଇ ଗାଡ଼ି ଚଳାଇଲା ।

× × × ×

ଦୁଇଦିନ ବିତିଗଲା । ଆସାନ୍‌ସୋଲ ଗାଡ଼ି ଯିବାର ଠିକ୍ ଅଧଘଣ୍ଟା ପରେ ଗୋଟାଏ ଦୋଡ଼ାଗାଡ଼ି ପ୍ରାଣଧନ ବାବୁଙ୍କ ଫାଟକ ପାଖରେ ପହଞ୍ଚିଗଲା । ପ୍ରାଣଧନ ବାବୁ ସେତେବେଳେ ବାରଣ୍ଡାରେ ଖଣ୍ଡେ ଆରାମ ଚେୟାର ଉପରେ ବସି ବଡ଼ ଚିନ୍ତିତ ଭାବରେ ତମାଖୁ ଟାଣୁଥିଲେ । ଧୂଆଁ ଗୁଡ଼ାକ ଆଙ୍କ-ବାଙ୍କ ଦେଇ ଉପରକୁ ଉଠି ଯାଉଥିଲା । ଗାଡ଼ିଟାକୁ ଦେଖି ପ୍ରାଣଧନ ବାବୁ ଡାକ ପକାଇଲେ—"ଧାନା ଧାନା । ଗାଡ଼ିରୁ ବାବୁଙ୍କ ଜିନିସ ପତ୍ରର ନେଇ ଆରେ ?" ସୁରବାଳା ପାଖରେ ଠିଆ ହୋଇଥିଲେ, ପଚାରିଲେ—"କିଏ ଆସିଛନ୍ତି କି ?"

ପ୍ରାଣଧନ ବାବୁ କହିଲେ—"ସେ ଜଣେ ମୋର ସମ୍ବଲପୁର ହେଲ୍ଥ ବନ୍ଧୁଙ୍କର ପୁଅ । ତାଙ୍କର ଏଠିକୁ ବଦଳି ହୋଇଛି, ତାଙ୍କ ବାପା ଚିଠି ଲେଖିଥିଲେ, ତାଙ୍କର ବସା ଇତ୍ୟାଦି ଠିକ୍ ହେବା ଯାଏ ଆମ ଘରେ ମାସେ ଖଣ୍ଡେ ରହିବେ ।"

Digitized by srujanika@gmail.com

ଧାନା ବାବୁଙ୍କର ଜିନିଷ ପତ୍ର ଗାଡ଼ିରୁ ନେଇ ଆସିଲା ମହେନ୍ଦ୍ର ବାବୁ ଗାଡ଼ିରୁ ଓହ୍ଲାଇ ଆସି ପ୍ରାଣଧନ ବାବୁଙ୍କୁ ନମସ୍କାର କଲେ । ପ୍ରାଣଧନ ବାବୁ ଆଶୀର୍ବାଦ କରି ବସିବାକୁ କହିଲେ । ସୁରବାଳା ଉହାଡ଼ରେ ଟିକିଏ ଅନାଇଁ ଦେଇ ଚାଲି ଯାଉଥିଲେ । ପ୍ରାଣଧନବାବୁ ଟିକିଏ ହସି କହିଲେ — "ହଇ ହେ, କାହାକୁ ଲାଜ କରୁଛ ? ଏ ମୋର ବନ୍ଧୁଙ୍କର ପୁଅ, ମୋର ବି ପୁଅ ପରି । ତାକୁ ଗୋଟାଏ ଲାଜ କ'ଣ ? ହଉ ହଉ ତମ ଲାଜ ସରମ ପଛକୁ ରଖି ଆଗେ ମହେନ୍ଦ୍ରକୁ ନେଇ ତାର ଖିଆପିଆ ଖବର ବୁଝ ।"

ସୁରବାଳା ଲାଜ ଲାଜ ହୋଇ ପାଖକୁ ଆସିଲେ । ମହେନ୍ଦ୍ର ବାବୁ ତାଙ୍କୁ ଦେଖି ମୁଣ୍ଡ ଲଗାଇ ଦଣ୍ଡବତ କରି ଆସି ପ୍ରାଣଧନ ବାବୁଙ୍କ ପାଖରେ ବସିଲେ ।

ଧାନା ବନ୍ଧଣା ପତ୍ର ଗାଡ଼ିରୁ ଆଣି କହିଲା—"କେଉଁ ଘରେ ରଖିବ ମା ?" ସୁରବାଳା କହିଲେ—"ତଳ ଘର ଯେ କଣଘରେ ଖଟ ଖଣ୍ଡେ ବନ୍ଧଣା କରିଦେ । ସେଇ ଘରେ ରହିବାକୁ ବେଶ୍ ସୁବିଧା ହେବ ।" ଧାନା ବନ୍ଧଣା ସୁଟକେଶ୍ ଇତ୍ୟାଦି ନେଇ ଚାଲିଗଲା । ସୁରବାଳା ବି ଚାଲିଗଲେ ।

କିଛିକ୍ଷଣ ପରେ ଝିଅ ଟିକିଏ ଆଡ଼ ଆଡ଼ ହୋଇ ଆସି କହିଲା—"ବାପା, ଯେ ବାବୁଙ୍କୁ ଡାକିଦିଅ ବୋଉ ଡାକୁଛି ଜଳଖିଆ ଖାଇବେ ।" ପ୍ରାଣଧନ ବାବୁ କହିଲେ—"ତୁ କ'ଣ ଡାକି ପାରୁନୁ ? ଏ ତୋର ଭଲ ହିସାବ ହେବ—ବୁଝିଲୁ ?" ମହେନ୍ଦ୍ର ବାବୁଙ୍କ ଆଡ଼କୁ ଅନାଇଁ ପ୍ରାଣଧନ ବାବୁ କହିଲେ—"ଯାଅ ବାବା, ଝିଅ ସଙ୍ଗରେ ଟିକିଏ ଜଳଖିଆ ଖାଇ ଆସ, ଡେରି କରିବଣି କେତେବେଳୁ ।" ମହେନ୍ଦ୍ର ବାବୁ ଉଠି ଠିଆ ହେଲେ, ଝିଅ ଆଗେ ଆଗେ ଚାଲିଲା, ମହେନ୍ଦ୍ର ବାବୁ ପଛେ ପଛେ ଚାଲିଥାନ୍ତି ।

Digitized by srujanika@gmail.com

ପ୍ରାଣଧନ ବାବୁଙ୍କ ଶୋଇବା ଘରେ ଆସନ ଖଣ୍ଡିଏ ପଡ଼ି ହୋଇ ପାଖରେ ପାଣି ଗ୍ଲାସେ, ତା ପାଖକୁ ହାତଧୁଆ କୁଣ୍ଡିଟିଏ ଥୁଆ ହୋଇଥିଲା । ମହେନ୍ଦ୍ର ବାବୁଙ୍କୁ ଦେଖି ସୁରବାଳା ଝୁନକୁ କହିଲେ—"ପୁଝାରୀକୁ କହ, ଥାଳରେ ବଢ଼ା ହୋଇ ଥୁଆ ହୋଇଛି, ନେଇ ଆସୁ । ମାଳତୀକୁ ଡାକ୍, ହାତକୁ ପାଣି ଦେବ ।" ଝୁନ ରୋଷେଇ ଘର ଆଡ଼କୁ ଚାଲିଗଲା । ଦୁଇ ମିନଟ୍ ପରେ ପୁଝାରୀ, ଗୋଟିଏ କଂସା ଥାଳରେ ପରଠା; ଅନ୍ୟ ଦୁଇଟି ଛୋଟ ଛୋଟ ଥାଳିଆ ମଧ୍ୟରୁ ଗୋଟିକରେ ବାଇଗଣ ଆଳୁ ଭଜା, ଅନ୍ୟଟିରେ ମାଛଚପ୍ ଦୁଇଟି ଆଣି ଥୋଇଦେଲା । ମାଳତୀ ତା' ପଛେ ପଛେ ପାଣି ଲୋଟାଏ ଆଣି ପହଞ୍ଚିଲା ।

ସୁରବାଳା ମହେନ୍ଦ୍ର ବାବୁଙ୍କ ଆଡ଼କୁ ଅନାଇ କହିଲେ "ହାତ ଧୋଇ ବସ । ଆଉ ଘରେ କ'ଣ ଅଛି ? ସବୁତ ଚୋର ନେଇ ଯାଉଛି ।"

ମହେନ୍ଦ୍ର ବାବୁ ହାତ ଧୋଉ ଧୋଉ ବଡ଼ ବ୍ୟସ୍ତ ହୋଇ କହିଲେ—"ହଁ 'ଜନତା'ରୁ ସବୁ ମୁଁ ପଢ଼ିଛି । ଏଥିପାଇଁ ବାପା ବି ଅତ୍ୟନ୍ତ ଦୁଃଖିତ । ପୁଲିସ ଯଦି ଏଭଳି ଡକାୟତଙ୍କୁ ନ ଧରେ ତାହାହେଲେ ବଡ଼ ଖରାପ ହେବ । ଯେତେବେଳେ ଯେଉଁ ବିପଦ, ମଣିଷର କ'ଣ ଉପାୟ ?"

ମହେନ୍ଦ୍ର ବାବୁ ଖାଇସାରି ହାତ ଧୋଇଲେ । ଝୁନ ଗୁଜୁରାଟି ଅଲେଇଚ ତାଙ୍କ ହାତକୁ କେଇଟି ବଢ଼ାଇ ଦେଲା । ତା' ପରେ ଝୁନି ଡାକିଲା, "ଆପଣ ଯେଉଁ ଘରେ ରହିବେ, ସେ ଘର ମୁଁ ଦେଖାଇ ଦେବି ଆସନ୍ତୁ ।" ମହେନ୍ଦ୍ର ବାବୁ ତା ସଙ୍ଗେ ସଙ୍ଗେ ଚାଲିଲେ । ଝୁନି ଘର ଭିତରକୁ ପଶି ପାଇଁ କହିଲା—"ଦେଖନ୍ତୁ ଆପଣଙ୍କର ଆଉ କଣ ଦରକାର ହେବ ?"

Digitized by srujanika@gmail.com

ମହେନ୍ଦ୍ର ବାବୁ କାନ୍ଥରେ ମରା ହୋଇଥିବା ଦେଶୀ, ବିଲାତି ଫଟୋଗୁଡ଼ିକ ଦେଖି ଦେଖି ଟିକିଏ ମୁରୁକି ହସି କହିଲେ—"ନା, ଘରେ ତ ଟେବୁଲ, ଚେୟାର ଇତ୍ୟାଦି ସବୁ ଅଛି, ଆଉ କ'ଣ ଲୋଡ଼ା ?"

ଟେନି ଲାଜ ଲାଜ ହୋଇ କହିଲା—"ଆଉ ଯାହା ଦରକାର ହେବ ଆପଣ ମାଗନ୍ତି, ନୋହିଲେ ଯାନାକୁ ଡାକି କହିବେ ।"

ମହେନ୍ଦ୍ର ବାବୁ 'ହଁ' କହି କାନ୍ଥରେ ମରା ହୋଇଥିବା ଗୋଟିଏ ଫଟୋକୁ ଲକ୍ଷ୍ୟ କରି କହିଲେ—"ଏ ଫଟୋଟି କାହାର ?"

ଟେନି କାନ୍ଥ ପାଖକୁ ଯାଇ କହିଲା—"ସେ ସବୁ ମୋ ଉର୍ମିଳା ଅପା, ଆଉ ତା' ବର । ତା' ବର ମରିଯିବା ପରେ ଅପା ଆସି ଏଇଠି ଥିଲା । ତାକୁ ଡକାୟତମାନେ ନେଇ କୁଆଡ଼େ ମାରି ପକାଇଛନ୍ତି କି କ'ଣ !" ଦୁଃଖରେ ଟେନିର ସ୍ୱର ନରମ ହୋଇ ଆସିଲା ।

ମହେନ୍ଦ୍ର ବାବୁ ତାକୁ ସାନ୍ତ୍ୱନା ଦେଇ କହିଲେ—"ମନ କଷ୍ଟ କଲେ ଆଉ କ'ଣ ଅପା ଫେରି ଆସିବ ? ଠାକୁରଙ୍କୁ ଡାକ୍ ସେ ତମ ଅପା'କୁ ଫେରାଇ ଦେବେ ଯେ !"

ଟେନି ତୁନି ହୋଇ ରହିଗଲା । ମହେନ୍ଦ୍ର ବାବୁ ପୁଣି ପଚାରିଲେ—"ଅପାର ଏଇ ଗୋଟିକ ଫଟୋ, ନା ବିଧବା ପରେ ତାର ଆଉ ଫଟୋ ଅଛି ?"

ଟେନି କହିଲା—"ହଁ, ବିଧବା ପରେ ତାର ଫଟୋ ଅଛି, କାହିଁକି ? ଆପଣ ଦେଖିବେ ? ଆଚ୍ଛା; ଟେଙ୍କରୁ ଖୋଜି ରଖିଥିବି, କାଲି ଦେବି ।"

ମହେନ୍ଦ୍ର ବାବୁ କହିଲେ—"ନା କିଛି ଦରକାର ନ ଥିଲା, ଖାଲି ଦେଖିଥାନ୍ତି, ବିଧବା ପରେ ତାଙ୍କର ମୂର୍ତ୍ତି କେମିତି ହୋଇ ଯାଇଥିବ । ହଉ, କାଲି ତରବାର କେତେବେଳେ ସମୟ ହେଲେ ଆଣିବ ।"

Digitized by srujanika@gmail.com

ଚୈନି କହିଲା—"ହଉ, ଅପା ବରଟି ଭାରି ସୁନ୍ଦର ଥିଲା । ଜମାରୁ ପଚିଶ ବରଷରେ ମରିଗଲା ପରା ।"

ମହେନ୍ଦ୍ର ବାବୁ କହିଲେ—"ଏ ଫଟଟି ଦେଖି ବି ମନରେ କଷ୍ଟ ହେଉଛି ।"

ସୁରବାଳା ଚୈନିକୁ ଚାହିଁକି ଡାକିବାରୁ ଚୈନି କହିଲା—"ଏ କଲ୍‌ଟାରେ ଯଦି ଭଲ ଆଲୁଅ ନ ହୁଏ, ତାହାହେଲେ ଧାନାକୁ ଡାକିବେ, ବଡ଼ କଲ୍‌ଟାଏ ଲଗାଇ ଦେଇ ଯିବ, ମୁଁ ଯାଉଛି ।"

ସନ୍ଧ୍ୟା ହେଲା । ମହେନ୍ଦ୍ର ବାବୁ କାଠଯୋଡ଼ ଆଡ଼େ ଟିକିଏ ବୁଲିଚାଲି କରି ନ'ଟା ବେଳକୁ ନିଜ କୋଠରୀକୁ ଫେରି-ଆସିଲେ । ଆଲୁଅଟା ମାରି ଖଟ ଉପରେ ବସିଛନ୍ତି, ମାଳତୀ ଲାଜ ଲାଜ ହୋଇ ସେ ଘରକୁ ଓଳାଇ ବସିଲା । ମହେନ୍ଦ୍ର ବାବୁ ତାର ରଙ୍ଗ ଢଙ୍ଗ ପରୀକ୍ଷା କରୁଥାନ୍ତି । ଘର ଓଳାଇ ସାରି କହିଲା—"ବାବୁ ! ଜାଗା ଏଇକ୍ଷଣି କରିବି ?"

ମହେନ୍ଦ୍ର ବାବୁ କହିଲେ—"ହଁ, ସାଢ଼େ ନ'ଟା ବାଜିଲାଣି, ଜାଗା କର ।"

ମାଳତୀ ଜାଗା କରି ଦେଇ ପୁଝାରୀକୁ ଡାକିଲା, "ନନା ! ବାବୁଙ୍କର ଜାଗା କରି ଦେଲିଣି, ଖାଇବାକୁ ଆଣ ।" ପୁଝାରୀ ବଢ଼ାବଢ଼ି କରି ଦେଇଗଲା । ମହେନ୍ଦ୍ର ବାବୁ ଖାଇ ବସିଲେ । ସୁରବାଳା ବି ଥରେ ଦି ଥର ଆସି ପୁଝାରୀକୁ ଭଲକରି ଖବର ବୁଝିବାକୁ କହିଗଲେ ।

ମହେନ୍ଦ୍ର ବାବୁ ଖାଇ ସାରି ଖଟ ଉପରେ ବସିଲେ । ମାଳତୀ ଆଉ ଥରେ ଲବଙ୍ଗ, ଗୁଜୁରାତି ଆଣି ତାଙ୍କ ହାତକୁ ବଢ଼ାଇ ଦେଇ କହିଲା—"ମଶାରି ଝାଡ଼ି ଦେଇ ମୁଁ ଯାଉଛି ।"

Digitized by srujanika@gmail.com

ମହେନ୍ଦ୍ର ବାବୁ ତା' ମନ ନେବା ପାଇଁ ଟିକିଏ ହସି ଦେଇ କହିଲେ—"ହଁ, ମୋ ପାଇଁ ବହୁତ ପରିଶ୍ରମ କଲୁଣି । ଆଜି ତ କିଛି କାମ ନାହିଁ—ଯା ।"

ମାଳଣୀ ଟିକିଏ କଡ଼େଇ ଚାହିଁ ଚାଲିଗଲା ।

× × × ×

ତହିଁ ଆର ଦିନ, ମହେନ୍ଦ୍ର ବାବୁ ଦଶଟା ବେଳୁ ଅଫିସ୍ ବାହାନାରେ କୁଆଡ଼େ ଯାଇଥିଲେ, ଚାରିଟା ବେଳକୁ ଫେରି ଆସିଲେ । ଜଳଖିଆ ଖାଇ ଦାଣ୍ଡ ପିଣ୍ଡାରେ ବୁଲୁଛନ୍ତି, ଫାଟକ ପାଖରେ ଗାର୍ଲସ୍କୁଲ ମଟର ଠିଆ ହୋଇଗଲା । କେତେ ସୁନ୍ଦର ତରୁଣୀ ଝିଅମାନଙ୍କ ଭିତରୁ ଚୂନି ବହିଗୁଡ଼ାକ ଧରି ମଟରରୁ ଓହ୍ଲାଇଲା । ମହେନ୍ଦ୍ର ବାବୁ ଏକ ନୟନରେ ମଟରଟି ଯିବାଯାଏ ଅନାଇଁ ଥାନ୍ତି ।

ଚୂନି ପିଣ୍ଡାରେ ମହେନ୍ଦ୍ର ବାବୁଙ୍କୁ ଦେଖି କହିଲା—"ସକାଳେ ଫଟଟି ଖୋଜି ରଖିଛି, ଆପଣଙ୍କୁ ଦେଉଛି ରହନ୍ତୁ ।" ମହେନ୍ଦ୍ର ବାବୁ କହିଲେ—"ହଉ, ମୁଁ ଏଇଟି ବୁଲୁଛି, ଫଟଟି ଆଣି ଦେଇଯିବ । କାହାକୁ ଦେଖାଇବ ନାହିଁ, କିଏ କିଛି ଭାବିପାରେ !"

ଚୂନି 'ହଉ' କହି ଉପର ମହଲାକୁ ଚାଲିଗଲା । ମହେନ୍ଦ୍ର ବାବୁ ଏପାଖ ସେପାଖ ବୁଲୁଥାନ୍ତି । କ୍ଷଣକ ମଧ୍ୟରେ ଚୂନି ଉପର ମହଲାରୁ ଫଟଟି ବାହାର କରି ମହେନ୍ଦ୍ର ବାବୁଙ୍କ ହାତକୁ ବଢ଼ାଇ ଦେଇ କହିଲା—"ଏ ଗୋଟିକ ଫଟ ଜମାରୁ ମୋ ପାଖରେ ଥିଲା, କେତେ ଖୋଜି ଖୋଜି ପାଇଲି, ଆପଣ ପାଖରେ ରଖିଥିବେ ।" ଚୂନି ଚାଲିଗଲା । ମହେନ୍ଦ୍ର ବାବୁ ଫଟଟିକୁ ଥରେ ଅନାଇଁ ପକେଟରେ ରଖିଦେଲେ ।

ସେହିଦିନ ରାତି । ସମସ୍ତେ ଖାଇପିଇ ଶୋଇଗଲେ । ମହେନ୍ଦ୍ର ବାବୁ କବାଟକୁ ଭଲକରି ବନ୍ଦକରି ଦେଇ ଚେୟାର ଉପରେ ଆସି ବସିଲେ । ତା ପରେ ପକେଟରୁ ଫଟଟି ବାହାର କରି ଆଗରେ

Digitized by srujanika@gmail.com

ଖୋଲିଲେ । ବିଜୁଳି ଆଲୁଅରେ ଫଟୋଟି ବେଶ୍ ଦେଖା ଯାଉଥିଲା । ସେ ଫଟୋଟି ଦେଖିଲେ ମୂର୍ତ୍ତିରୁ ଊର୍ମିଳା କେଉଁ ସ୍ୱଭାବର ଥିଲା, ତାହା ଜାଣିବା ପାଇଁ ମହେନ୍ଦ୍ର ବାବୁ ଖୁବ୍ ମନଯୋଗ ଦେଇ ସେଇଟିକୁ ପରୀକ୍ଷା କରିବାରେ ଲାଗିଥାନ୍ତି ।

ଫଟୋଟିକୁ ଅନାଇଁ ଦେଲେ ଜଣାଯିବ, ଊର୍ମିଳାର ବୟସ ଊଣେଇଶି କୋଡ଼ିଏରୁ ବେଶି ହେବ ନାହିଁ । ମୂର୍ତ୍ତିଟି ଦେଖିବାକୁ ବେଶ୍ ସୁନ୍ଦର । ବିଧବା ବେଶରେ ବି ଅଧରରେ ଯେଉଁ କ୍ଷୀଣ ହସ ଟିକକ ଫୁଟିଉଠିଛି ସେହି ହସ ଟିକକ ଭିତରେ ଯୌବନର ବେଦନା ଭରି ରହିଛି ଯେ ସଫା ଜଣା ପଡ଼ୁଯାଉଛି, ତାହା ସହଜରେ ଅନୁମିତ ହେବ । ସଜଳ ଆଖି ଦୁଇଟିରେ ଉଜ୍ଜ୍ୱଳ ଯୌବନର ଦୁଷ୍ଟାମି ଚାହାଣି ପୂର୍ବପରି ନ ଥିଲେ ବି, ମନରେ ଆଶା ଆକାଙ୍କ୍ଷା ଯେ ପୂରି ରହିଛି, ତାହା ଏହି ଚାହାଣିରୁ ସଫା ଜଣା ପଡ଼ୁଛି ।

ମହେନ୍ଦ୍ର ବାବୁ ଏସବୁ ତନ୍ନ ତନ୍ନ କରି ପରୀକ୍ଷା କରି ଫଟୋଟି ପୁଣି ପକେଟରେ ରଖି ଦେଲେ । ଆଲୁଅ ଲିଭାଇ ଖଟ ଉପରେ ଆସି ଶୋଇଲେ; କିନ୍ତୁ ନିଦ ହେଲା ନାହିଁ । ମନରେ କେତେ କୌଶଳ ଉପାୟର ଚିନ୍ତା ଦଣ୍ଡକେ ଆସି ପୁଣି କୁଆଡ଼େ ମିଳାଇ ଯାଉଥାଏ । ଏମିତି ଭାବୁ ଭାବୁ ତାଙ୍କର ଖିଆଲ ଆସିଲା···ଏହି ଦୁଇ-ଦିନ ଭିତରେ ମାଳତୀର ଚରିତ୍ର ସମ୍ବନ୍ଧରେ ତାଙ୍କ ହାବ ଭାବରୁ କିଛି ଭଲ ଜଣା ପଡ଼ୁ ନାହିଁ । ଊର୍ମିଳା ଯେ ତାର ଚରିତ୍ରକୁ ଅତି ପବିତ୍ର ଭାବରେ ରଖିବାକୁ ଜୀବନର ବ୍ରତ କରିଥିଲା, ତାହାତ ଏ ଫଟୋଟିରୁ ବୁଝା ହେଉ ନାହିଁ । ତେବେ ମାଳତୀ, ଊର୍ମିଳା ପାଖରେ ଏକ ରୁମ୍‌ରେ ଶୁଆବସା କରି ତାର ଚରିତ୍ର ସମ୍ବନ୍ଧରେ ନିଶ୍ଚୟ ସେ କିଛି ଜାଣିଥିବ, ଏଥିରେ ଭୁଲ ନାହିଁ ।

ଏମିତି କେତେ କଣ ଭାବି ଠିକ୍ କଲେ, ଊର୍ମିଳାର ଚରିତ୍ର ବା ବେଶ ସମ୍ବନ୍ଧରେ କିଛି ଜାଣିବାକୁ ହେଲେ ପ୍ରଥମେ ମାଳତୀ ସଙ୍ଗରେ ଘନିଷ୍ଠ ଭାବ ଜମାଇ ଚେଷ୍ଟା କରିବା ଉଚିତ ।

Digitized by srujanika@gmail.com

ଦାଣ୍ଡଘର ଘଣ୍ଟାରେ ଠନ୍ ଠନ୍ ହୋଇ ବାରଟା ବାଜିଲା । ରାତି ବେଶି ହେଲାଣି ବୋଲି ମହେନ୍ଦ୍ର ବାବୁ ଗୃହର ଘୋଡ଼େଇ ହୋଇ କଡ଼େଇ ଶୋଇଲେ ।

× × × ×

ଦିନପରେ ଦିନ ବିତିଗଲା । ଏବେ ସୁରବାଳା ଇତ୍ୟାଦି ମହେନ୍ଦ୍ର ବାବୁଙ୍କୁ କେହି ଠିକଏ ହେଲେ ଲାଜ ସରମ କରନ୍ତି ନାହିଁ । ମହେନ୍ଦ୍ର ବାବୁ ବି ନିଜର ଘର ଭଳି ସମସ୍ତଙ୍କୁ ନିଜର ପରି ମଣିଥାନ୍ତି ।

ମହେନ୍ଦ୍ର ବାବୁ ଯେଉଁ କୋଠରୀରେ ଥାନ୍ତି, ଠିକ୍ ତାର ସାମନାର ତଳ ମହଲା ଘରର ଶେଷ କୋଠରୀରେ ମାଳତୀ ଥାଏ । ତା ଘରେ ଜିନିଷ ପତର ବୋଇଲେ କିଛି ନାହିଁ । ଖଣ୍ଡେ ପଟା ଉପରେ ପୁରୁଣା ବେତ ପେଟରାଟିଏ ଥୁଆ ହୋଇଛି । ତା' ଉପରେ ଛୋଟ ଅଲଗୁଣିରେ ସଜଡ଼ା ସଜଡ଼ି ହୋଇ ଲୁଗା ଦି' ଖଣ୍ଡି, ଶୀତ ଲୁଗା ଖଣ୍ଡିଏ ଝୁଲୁଛି । ପେଟରା ପାଖକୁ ଥୁଆ ହୋଇଛି କାଠସିମ୍ପ ପଟାର ଛୋଟ ଡ଼ାବଲଟିଏ । ତା' ଭିତରେ ପାନ ଗୁଆ ଗୁଣ୍ଡି ଛୋଟ ଛୋଟ ଡବାରେ ଅଛି । ଦୁଆର ମୁଣ୍ଡ କବାଟ କଣ କାନ୍ଥ ଦେହରେ ଗୋଟିଏ କାଳୀ ଠାକୁରାଣୀ ଛବି, ସେଥିରେ ଚନ୍ଦନ ସିନ୍ଦୂର ଦିଆ ହୋଇ ହୋଇ ଛବିରୁ ଅଧେ ଲିଭିଗଲାଣି । ମାଳତୀ ସକାଳେ ସନ୍ଧ୍ୟାବେଳେ ସେଇଠି ବସି ଗୁଣୁ ଗୁଣୁ ହୋଇ ଠାକୁରାଣୀଙ୍କୁ ଡାକେ ।

ମହେନ୍ଦ୍ର ବାବୁଙ୍କ କୋଠରୀରେ ବସି ଅନାଇଁଲେ କାଳୀ ଫଟଟି ଛଡ଼ା ମାଳତୀ ଘରର ଅନ୍ୟ କିଛି ଅଛପା ରହିବ ନାହିଁ । ବେଳେ ବେଳେ ବି ମହେନ୍ଦ୍ର ବାବୁ ବସିଥିବା ବେଳେ, ମାଳତୀ ତା' ଘରେ ଗୋଡ଼ ଲମ୍ବାଇ ପାନ ଭାଙ୍ଗି ବସେ, କେତେ ଥର କଡ଼େଇ କଡ଼େଇ ତାଙ୍କର ଆଡ଼କୁ ଚାହିଁ ମୁରୁକି ମୁରୁକି ହସେ ।

Digitized by srujanika@gmail.com

ଅଯତ୍ନ ଭାବରେ ଦେହ ମୁଣ୍ଡରୁ କେତେବେଳେ ଲୁଗା ବାହାର ଯାଇଥିଲେ, ମାଳତୀ ଜାଣି ଜାଣି ତାହା ସଜାଡ଼ି ନିଏ ନାହିଁ । ମହେନ୍ଦ୍ର ବାବୁ ଏ ସବୁ ଲକ୍ଷ୍ୟକରି ମାଳତୀର ମନର ଭାବ ବେଶ୍ ବୁଝନ୍ତି । ନିଜେ ବି ତାର ମନ ନେବା ପାଇଁ ତାରି ଆଡ଼େ ଏକ ନୟନରେ ଗୃହିଁ ରହନ୍ତି ।

ଅନେକ ସମୟରେ ମହେନ୍ଦ୍ର ବାବୁ ବସିଥିବା ବେଳେ ମାଳତୀ ମିଛରେ ଗୋଟାଏ କିଛି କାମ ବାହାନାକରି ସେ ଘରକୁ ଯାଏ । ଏ ଜିନିଷଟାକୁ ସେଠି ସେ ଜିନିଷଟାକୁ ଏଠି ରଖି ଦେଇ ହସି ହସି ପଚାରେ ଆଉ କ'ଣ ଆପଣଙ୍କର ଦରକାର ? ମହେନ୍ଦ୍ର ବାବୁ ତାକୁ ହସି ହସି କହନ୍ତି, ଆଉ ଯାହା ଦରକାର ତା ଏଠି ମିଳିବ ନାହିଁ । ମାଳତୀ ମନକୁ କଥାଟା ବେଶ ପାଏ, ତାର ଅନ୍ତର କୁରୁଳି ଉଠେ । ଲାଜ ଲାଜ ହୋଇ କହେ—"ତମେ ବାବୁ ଭାରି ପିଆଣିଆ; ତମେ କ'ଣ ଆଉ ଯାଏ ବାହା ହୋଇ ନା ?"

ମହେନ୍ଦ୍ର ବାବୁ ଏପାଖ ସେପାଖ ଅନାଇଁ ଆସ୍ତେ ଗୃହାଣୀରେ କହନ୍ତି—"ତୋ'ରି ପରି ଗୋଟିଏ ସୁନ୍ଦରୀ ମାଇପିଟିଏ ହେଲେ ସିନା ବାହା ହୁଅନ୍ତି ! ମିଳୁଛି କାହିଁ ?"

ମାଳତୀ ଲାଜରେ ହୋଇ ସେ ଘରୁ ବାହାରକୁ ପଳାଇ ଆସେ । ମହେନ୍ଦ୍ର ବାବୁ କହନ୍ତି—"ମାଳ, ପଳାଇଲୁ କାହିଁକି ମ ? ମାଳତୀ ଶୁଣେ ନାହିଁ ।"

ସେ ମିଛମିଛିକା ସେଘରୁ ପଳାଇ ଆସେ ସିନା ! ମହେନ୍ଦ୍ର ବାବୁଙ୍କର ରୂପ କିନ୍ତୁ ତାର ଆଖି ଆଗରୁ ଯାଏ ନାହିଁ । ତାଙ୍କୁ ଦେଖିଲା ଷଣି, ତାଙ୍କ କଥା ମନରେ ଭାବିଲାକ୍ଷଣି, ଯୌବନର ମତୁଆ ନିଶା ଦେହ ମନକୁ ଅସ୍ଥିର କରି ପକାଏ; ମୁଣ୍ଡ ତାର ବିଗିଡ଼ିଯାଏ । ସେ ନିଜକୁ ଓ ତା ଜୀବନର ଗୁପ୍ତକଥା ସବୁ କୁଆଡ଼େ ଭୁଲିଯାଏ କ୍ଷଣକ ପାଇଁ ।

Digitized by srujanika@gmail.com

ମହେନ୍ଦ୍ର ବାବୁ ବି ପ୍ରଥମେ ପ୍ରଥମେ ତାକୁ ଯେଉଁଭଳି ଭାବରେ ଦେଖୁଥିଲେ, ଏଣିକି ଟିକିଏ ଭିନ୍ନ ଭାବରେ ଦେଖନ୍ତି । ମାଳତୀର ଯୌବନ, ତାର ଦେହ ମୁଣ୍ଡର ସୌନ୍ଦର୍ଯ୍ୟ, ତାଙ୍କ ତରୁଣ ମନକୁ ଅସ୍ଥିର କରି ପକାଏ । ମିଳନ ଆଶାରେ ମନଟା ଛଟପଟ ହୁଏ । କିନ୍ତୁ ପାଟି ଖୋଲି କିଛି କହିପାରନ୍ତି ନାହିଁ । ଇମିତି କେତେ ଦିନ ଗଡ଼ିଗଲା ।

ଆଉଦିନେ ! ରାତି ନ'ଟା ହୋଇ ଗଲାଣି । ସେଦିନ ଗୋଟାଏ ଜରୁରୀ ମକଦ୍ଦମାରେ ପ୍ରାଣଧନ ବାବୁ ବାଲେଶ୍ୱର ଯାଇ-ଥାନ୍ତି । ଘରର ଅଦ୍ଧ୍ୱଳି ଆଉ କିଛି ନ ଥାଏ । ସେଥିପାଇଁ ବେଳାବେଳି ସୁରବାଳା, ଟୁନି, ମାଷ୍ଟରବାବୁ ଇତ୍ୟାଦି ଖାଇ ଶୋଇ ପଡ଼ିଥିଲେ । ବାକି ପୁଷ୍ପାସ୍ତ୍ରୀ ଗୃହକର ପାନ ଖଣ୍ଡେ ଖଣ୍ଡେ ଖାଇ ବିଛଣା ପାଖି ଗପସପ ହେଉଥା'ନ୍ତି ।

ମାଳତୀ ସନ୍ଧ୍ୟା ବେଳଠୁଁ ମିଛୁ ମିଛୁକା କାମର ବାହାନାରେ ପ୍ରାୟ ଛ' ସାତ ଥର ମହେନ୍ଦ୍ର ବାବୁଙ୍କ ଘରକୁ ଗଲାଣି । କେତେ-ବେଳେ ଟିକିଏ ହସି ଦେଇ, କେତେବେଳେ ଗୋଟାଏ କିଛି ଜିନିଷ ନେଇ ଫେରି ଆସେ । ତାର ଏ ସବୁ ଢ଼ଙ୍ଗ ଦେଖି ମହେନ୍ଦ୍ର ବାବୁଙ୍କର ବି କେତେବେଳୁ ଯୌବନର ମହୁଆ ଝୁଙ୍କ ଉଠିଲାଣି । କ'ଣ ତାକୁ ପ୍ରଥମେ କହିବେ, ସେହି କଥାହିଁ ଭାବୁଥାନ୍ତି ।

ସାଢ଼େ ନ'ଟା ବେଳେ ବାଁରେଇ ହୋଇ ପୁଣି ମାଳତୀ ସେ ଘରକୁ ଆସିଲା । ମହେନ୍ଦ୍ର ବାବୁ ଖଟ ଉପରେ ଡେଇଁ ଶୋଇଥିଲେ । ମାଳତୀ ଘରର ଏପାଖ ସେପାଖ ବୁଲି ଖଟ ପାଖରେ ଟିକିଏ ଠିଆ ହୋଇ କହିଲା—"ଭାରି ଶୀତ ହେଉଛି, ମୁଁ ଯାଉଛି କବାଟ ଦେଇ ଶୋଇବେ ଆସନ୍ତୁ ।"

ମହେନ୍ଦ୍ର ବାବୁଙ୍କ ପାଟିରୁ ବାହାରିଗଲା, "ମୁଣ୍ଡଟା ଭାରି ବିନ୍ଧୁଛି ଟିକିଏ ଚିପି ଦିଅନ୍ତୁ କି !" ମାଳତୀ ଟିକିଏ ନୀରବ ରହି କହିଲା—

Digitized by srujanika@gmail.com

"କାହିଁକି ଚିପି ଦେବ ନାହିଁ ? ଠିକଏ ବାବୁ ରହନ୍ତୁ । ଏଇକ୍ଷିଣା ଚିପି ବସିଲେ ପୁଝାରୀ ଗୃହକରଗୁଡ଼ା ମା'ଙ୍କ ଆଗରେ କେତେ କଥା ମୋ ନାଁରେ ଲଗାଇ କହିବେ । ଆପଣ କବାଟ ଦେଇ ନ ଥାନ୍ତୁ । ଆଉ ଅଧଘଣ୍ଟା ଭିତରେ ପୋଡ଼ାମୁହାଁଗୁଡ଼ାକ ଶୋଇ ପଡ଼ିଲେ ଆସି ଚିପି ଦେବ ।" ମହେନ୍ଦ୍ର ବାବୁଙ୍କ ଦେହ ଥରୁଥିଲା, କହିଲେ—"ହଉ ।"

ମାଳତୀ ନିଜେ କବାଟ ଆଉଜାଇ ନେଇ ଚାଲିଗଲା । ମହେନ୍ଦ୍ର ବାବୁ ସେମିତି ଶୋଇ ରହିଲେ ଯେ ତାଠାରୁ ଉର୍ମିଳା ବିଷୟ ନେଇ କିଛି ଖବର ନେବେ, ସେହି କଥାହିଁ ଭାବୁଥିଲେ ।

ରାତି ଦଶଟା, ଗୃହଆଡ଼ ନିଶୂନ୍ । ମାଳତୀ ଗୋଟିଏ ଧୋବ-ଲୁଗା ପିନ୍ଧି, ପାନଖିଲେ ଖାଇ, ଗୋଡ଼ ଟିପି ଟିପି, ଆସ୍ତେ ୨ କବାଟ ଖୋଲି ସେ ଘରକୁ ଆସିଲା । ମହେନ୍ଦ୍ର ବାବୁ ତାର ଲୁଗାପଟା ବଦଳାବଦଳି ଦେଖି ତାର ମନର ଅବସ୍ଥା ବେଶ୍ ବୁଝି ପାରିଲେ । ମାଳତୀ ଭିତରୁ କବାଟ ଦେଇ ଖଟ ପାଖରେ ଠିଆ ହୋଇ ଚୁପ୍ ଚୁପ୍ କରି କହିଲା—"କେଉଁ ପାଖ ବଥାଉଛି ?" ମହେନ୍ଦ୍ର ବାବୁ ଉଠି ବସିଲେ । ମାଳତୀ ମୁଣ୍ଡ ଚିପି ଦେଉଥାଏ ।

କେତେ ସମୟ ପରେ ମହେନ୍ଦ୍ର ବାବୁ ତା ହାତ ଧରି ପକାଇ କହିଲେ—"କେତେବେଳୁ ଠିଆ ହେଲୁଣି, ବସି ପଡ଼ ।" ମାଳତୀ ତାଙ୍କ ପାଖରେ ଲାଜ ଲାଜ ହୋଇ ବସି ପଡ଼ିଲା । ମହେନ୍ଦ୍ର ବାବୁ ତା ସଙ୍ଗରେ ଇଆଡ଼ୁ ସିଆଡ଼ୁ କେତେ ଗପ କରୁ କରୁ, ମାଳତୀକୁ ନିଜ ଆଡ଼କୁ ଟାଣି ଆଣିଲେ । ମାଳତୀ ଜ୍ଞାନଶୂନ୍ୟ ହୋଇ ତାଙ୍କ ଛାତି ଉପରକୁ ଢଳି ପଡ଼ିଲା । ମହେନ୍ଦ୍ର ବାବୁ ଗୋଟିଏ ଚୁମ୍ବନ ଦେଇ କହିଲେ—"ବିଚାରୀ ଉର୍ମିଳାଙ୍କୁ କଅଣ ନେଇ ବର୍ତ୍ତମାନ ତା ଉପରେ ମାଉଛଙ୍କା ଅତ୍ୟାଚାର କରୁଥିବ ସିନା !

Digitized by srujanika@gmail.com

ଦେବର ମିଳନ ଆଶାରେ ମାଳତୀର ଆଖି ଦୁଇଟି ବୁଜି ବୁଜି ହୋଇ ଆସୁଥିଲା । ଆଗପଛ ଭୁଲି ତାଙ୍କ କଥାର ଉତ୍ତର ଦେଲା "କାହିଁକି ? ଊର୍ମିଳାର ମନକଥା ଜାଣି ପରା ମୁଁ ତାକୁ ଖୁବ୍ ଭଲ ଜାଗାରେ ରଖାଇ ଦେଇଛି ।"

ମହେନ୍ଦ୍ର ବାବୁ କହିଲେ—"ହଁ, ତୁ ଯଦି ତା ନ କରିଥାନ୍ତୁ, ବିଚାରୀ ଏଠି ପଡ଼ି ଛଟପଟ ହୋଇ ମରୁଥାନ୍ତା ସିନା ! ଏସବୁ ଦୁଃଖ କଷ୍ଟ କ'ଣ ବାପ ମା' ବୁଝନ୍ତି ? ତୁ ଏ କଥା ମୋ ଆଗରେ କହିଲୁ ବୋଲି ଆଉ କାହା ଆଗରେ କହିବୁ ନାହିଁଟି, ତୋତେ ହଇରାଣ କରିବେ ।"

ମାଳତୀ ଚେତା ପାଇଲା ପରି ଚମକି ପଡ଼ିଲା । ତାର ଛାତି ଜୋରରେ ଥରିଉଠିଲା । ମୁହଁର ଭାବଭଙ୍ଗି ବଦଳିଗଲା । କରେ କ'ଣ ! କଥାଟାକୁ ବାରେଇଲେ ବି ଚଳିବ ନାହିଁ ।

ମହେନ୍ଦ୍ର ବାବୁ ତାକୁ ଲକ୍ଷ୍ୟ କରି ପୁଣି ଗୋଟାଏ ଚୁମ୍ବନ ଦେଇ କହିଲେ—"କଥାଟା ମୋ ଆଗରେ କହିଦେଲୁ ବୋଲି ଭୟ କରୁଛୁ ? ଆଦୌ ଭୟ କର ନାହିଁ । ମୋ ଜୀବନ ଗଲେ ବି କାହା ଆଗରେ କଣ୍ଠ କହିବି ନାହିଁ । ତୁ କ'ଣ ଭାବୁଛୁ ତୋ କଥା ମୁଁ କାହା ଆଗରେ କହିଦେବି ?"

ମାଳତୀ ଭୟରେ କାକୁତି ମିନତି ହୋଇ କହିଲା—"ମୋତେ ରକ୍ଷା କର ବାବୁ···କାହା ଆଗରେ ଟିକିଏ କହିଲେ ମୋ ଜୀବନ ଆଉ ରହିବ ନାହିଁ ।"

"ମହେନ୍ଦ୍ର ବାବୁ ତାକୁ କୋଳ ଭିତରକୁ ଟାଣି ନେଇ ଭାରି ନରମ ଗଳାରେ କହିଲେ—"ନିଶ୍ଚୟ କରି କହୁଛି, ମୁଁ କାହା ଆଗରେ କହିବି ନାହିଁ । ଖାଲି ଟିକିଏ ଶୁଣିବି, କେମିତି ସେ ଗଲା, କେମିତି ରହିଛି । ତୁ ଜମାରୁ ଭୟ କର ନାହିଁ ।"

Digitized by srujanika@gmail.com

ମାଳଷା ଥରଥର ଗଳାରେ କହିଲା—"କାଳୀଠାକୁରାଣୀଙ୍କୁ ନିୟମ କରି କୁହ, କେଉଁଠି କାହାକୁ କହିବ ନାହିଁ ତ ? ଯଦି ଏ କଥାଟା ପେଟରେ ପୂରାଇ ରଖ, ତାହାହେଲେ ତମକୁ ଆଉ ଦୁଃଖକଷ୍ଟ କରିବାକୁ ପଡ଼ିବ ନାହିଁ । ଯାହା ମାଗିବ ତାହା କରାଇଦେବି, ମହା ଆନନ୍ଦରେ ରହିବ ।"

ମହେନ୍ଦ୍ର ବାବୁ ଟିକିଏ ଗମ୍ଭୀର ହୋଇ କହିଲେ—"ତୁ ମୋତେ ଅବିଶ୍ୱାସ କରୁଛୁ ? ହଉ, କାଳୀ ଠାକୁରାଣୀଙ୍କ ନିୟମ ନେଲି, ତୋ ଇଚ୍ଛା ହେଲେ କହ ନୋହିଲେ ନାହିଁ ।"

ମାଳଷା ମୁହଁରେ ହସ ଫୁଟି ଉଠିଲା । ତାପରେ ମହେନ୍ଦ୍ର-ବାବୁଙ୍କ ଆଗରେ କେତୋଟି ଗୁପ୍ତକଥା ଛଡ଼ା ଡକାୟତମାନେ ଊର୍ମିଳାକୁ କେମିତି ନେଲେ, ସବୁ କହିଗଲା । ମହେନ୍ଦ୍ର ବାବୁ ଆନନ୍ଦରେ ତା' ବାଳଗୁଡ଼ିକ ଆଉଁସୁଥାନ୍ତି ।

କେତେ ସମୟ ପରେ ମହେନ୍ଦ୍ର ବାବୁ ପଚାରିଲେ—"ଏତେ କଥା ତ କହିଲୁ, ସେମାନେ ଇମିତି କେଉଁ ଗୁପ୍ତଜାଗାରେ ଅଛନ୍ତି ଯେ ତାଙ୍କୁ କେହି ଦେଖି ପାରିବେ ନାହିଁ ? କେବେ ଯଦି ଊର୍ମିଳାକୁ କିଏ ଦେଖେ, ତାହାହେଲେ ତ ତମର ବଡ଼ ଖରାପ ହେବ ?"

ମାଳଷା ହସି ହସି କହିଲା—"ନା, କେହି ଦେଖି ପାରିବେ ନାହିଁ । ତମକୁ ସେ ଜାଗାଟା ସହଜରେ ବି ମୁଁ କହିଦେବି ନାହିଁ । ତୁମେ ଯଦି ଆମ ସ୍ୱାମୀବାବାଙ୍କର ଶିଷ୍ୟ ହେବ, ତାହାହେଲେ କହିବି । କେମିତି ଶିଷ୍ୟ ହେବ ସେ କଥା ମୁଁ ଆଉ ଦିନେ କହିବି । ବାହାରେ କିଏ କାଳେ ପରମ୍ପରା କରି ଉଠିଥିବ, ଏଇକ୍ଷଣି ଶୋଇ ପଡ଼ ।"

ମହେନ୍ଦ୍ର ବାବୁ ଆନନ୍ଦରେ "ହଉ, ସେଇକି ଆଜ୍ଞା ଥାଉ" ବୋଲି କହି ଆନନ୍ଦରେ ତାଙ୍କୁ ଜଡ଼ି ଧରିଲେ । ମାଳଷା ତାଙ୍କ ବେକ-

Digitized by srujanika@gmail.com

ପାଖରେ ମୁହଁ ରଖି ଗେଟହେଲ୍‌ଡର ହୋଇ କହିଲା—"ହଁ, ଆଲୁଅଟା ଲିଭାଇ ଦିଅ ବହୁତ ରାତି ହେଲାଣି ଯେ ।"

ତହିଁଆରଦିନ ମହେନ୍ଦ୍ର ବାବୁ କଚେରୀ ବାହାନାରେ ଥାନାକୁ ଯାଇଁ ଦେଖିଲେ, ପ୍ରାୟ ଚାଳିଶ ପଚାଶ ଜଣରୁ ବେଶୀ ଲୋକ ଜମା ହୋଇଛନ୍ତି । ଥାନା ଆଗ ପଡ଼ିଆରେ ଦୁଇଜଣଙ୍କର ମୃତଶବ ପଡ଼ିଛି, ସେମାନଙ୍କ ଦେହରେ ମୁଣ୍ଡ ନାହିଁ ।

ସେ ବଡ଼ ବିସ୍ମିତ ହୋଇ ଥାନାକୁ ପଶିଯାଇ ଜଣେ ସବ୍‌ଇନ୍‌ସପେକ୍ଟର ପାଖରେ ବସି ପଡ଼ିଲେ । ସବ୍‌ଇନ୍‌ସପେକ୍ଟର ମହେନ୍ଦ୍ର ବାବୁଙ୍କୁ ଦେଖି ମୃଦୁ ହସି କହିଲେ—"ଏ ଘଟଣା ବୁଝି-ବାକୁ କି ଆପଣଙ୍କ ମୁଣ୍ଡରେ ଅଟ । ବୋଲି ଧାଆସିବ ।" ମହେନ୍ଦ୍ର ବାବୁ ହସି ଦେଇ ସବ୍‌ଇନ୍‌ସପେକ୍ଟର ବାବୁଙ୍କ ଆହୁରି ନିକଟକୁ ଘୁଞ୍ଚିଯାଇ କଥା କ'ଣ ବୋଲି ପଚାରିବାରୁ ସବ୍‌ଇନ୍‌ସପେକ୍ଟର ବାବୁ କଲମଟାରେ ମୁଣ୍ଡ ବାଳକୁ ଆଉଡ଼ାଉ ଆଉଡ଼ାଉ କହିଲେ—"ଏମାନେ କଲିକତାରୁ ଫେରି କାଲି ରାତି ଦଶଟା ବେଳେ ଡଙ୍ଗା ପାରି ହୋଇ ନିଜ ଘରକୁ ଯାଉଥିଲେ । ରାସ୍ତା ମଝିରେ କିଏ ଏ ଦୁ'ଜଣଙ୍କୁ ହତ୍ୟା କରି ଟଙ୍କା କଉଡ଼ି ନେଇଯାଇଛି । ତା' ସଙ୍ଗେ ସଙ୍ଗେ ମୁଣ୍ଡ ଦୁଇଟା କାଟି ନେଇଛନ୍ତି । ଏ ବାବା ସହଜ ଡକାୟତର କାମ ନୁହେଁ । ସକାଳଠୁଁ ଅନେକ ଖୋଜ୍ ଖବର ନିଆଗଲାଣି; କିନ୍ତୁ କିଛି ପତ୍ତା ମିଳୁ ନାହିଁ । ଏ କେଶଟାର ସନ୍ଧାନ ପାଇଁ ବୋଧହୁଏ ପୋଲିସ୍‌ସାହେବ ତୁମ୍ଭର ଉପରେ ଭାର ଦେବେ ।" ମହେନ୍ଦ୍ର ବାବୁ ସିଗାରେଟ୍ ଖଣ୍ଡେ ଲଗାଇ ଉଠି ଯାଉଁ ଯାଉଁ କହିଲେ—"ଆଚ୍ଛା ଦେଖା ଯାଉ, କ'ଣ ହେଉଛି ।"

ମହେନ୍ଦ୍ର ବାବୁ ଧନଯାକ ଏଟେଣ ଚେଞ୍ଜୋ ହୋଇ ପାଞ୍ଚଟା-ବେଳେ ବସାକୁ ଫେରିଲା ବେଳକୁ ଗୋଟିଏ କାଳୀଠାକୁରାଣୀ ପଟ କିଣି ନେଇଥିଲେ ।

Digitized by srujanika@gmail.com

ସନ୍ଧ୍ୟାବେଳେ ଜଳଖିଆ ଖାଇସାରି ଖଟ ଉପରେ ବସି ଏହି ଭୀଷଣ ହତ୍ୟାକାଣ୍ଡର କଥା ଭାବୁଛନ୍ତି—ମାଳତୀ ଗୋଟାଏ କାମ ବାହାନାରେ ସେ ଘରକୁ ପଶି ଆସି, ହସି ଦେଇ କହିଲା—"କ'ଣ ଭାବୁଛନ୍ତି କି ? ଆଜି କବାଟ ଦେବେ ନାହିଁ । ଆପଣଙ୍କ ସଙ୍ଗରେ ବହୁତ କାମ ଅଛି ।" ମହେନ୍ଦ୍ର ବାବୁ ଚାରିଆଡ଼କୁ ଅନାଇଁ ତା ହାତକୁ ଚିପି ଦେଇ କହିଲେ—"ତମେ ନ ଆସିଲେ ମୋତେ ସେ ନିଦ ହେବ ନାହିଁ ।" ମାଳତୀ ଆଖି ଠାରି କହିଲା--"କେଉଁଦିନଠୁଁ ଏତେ ସଉକ ହେଲା ମ ?" ମହେନ୍ଦ୍ର ବାବୁ କହିଲେ—"ଯେଉଁ ଦିନଠୁଁ ତୁମର ସଉକ ହୋଇଛି ।" ମାଳତୀ ଚାଲିଯାଉଥିଲା—ମହେନ୍ଦ୍ର ବାବୁ କହିଲେ—"ହେଇ, ଦେଖିଯା !" ମାଳତୀ ଖଟ ପାଖରେ ଯାଇଁ ଠିଆ ହେଲା । ମହେନ୍ଦ୍ର ବାବୁ କାଳୀଫଟଟି ବାହାର କରି କହିଲେ—"ଏଇଟି ତମରି ପାଇଁ ଆଣିଛି, କେମିତି ହୋଇଛି ?" ମାଳତୀ ଭାରି ଖୁସି ହୋଇ କହିଲା—"ଭାରି ସୁନ୍ଦର ହୋଇଛି । ଫଟଟି ରଖିଥା'ନ୍ତୁ । ଏଇ ଫଟଟି ଆପଣଙ୍କର ବହୁତ କାମରେ ଆସିବ ।"

ମାଳତୀ ତରତର ହୋଇ ଚାଲିଗଲା । ମହେନ୍ଦ୍ର ବାବୁ ବିଛଣାରେ ପଡ଼ି ଖବର କାଗଜ ପଢ଼ୁଥାନ୍ତି; କିନ୍ତୁ ସେଥିରେ ତାଙ୍କର ମନ ଲାଗୁ ନ ଥାଏ । କଦର୍ଯ୍ୟ ହତ୍ୟାକାଣ୍ଡର କଥା, ଆଉ ସେ ଦୁଇଟା ଲୋକର ମୃତ ଶବ, ଥରକୁ ଥର ଆଖିରେ ନାଚି ଯାଉଥାଏ ।

ନ'ଟା ବାଜିଲା । ପୂଝାରୀ ଆସି କହିଲା--"ଖାଇବାକୁ ଆଣିବି ବାବୁ ?" ମହେନ୍ଦ୍ର ବାବୁ କହିଲେ--"ହଉ ଆଣେ ।" ମାଳତୀ ପାଣି ଲୋଟା ଗ୍ଲାସ ଥୋଇ ଜାଗା କରିଦେଲା । ମହେନ୍ଦ୍ର ବାବୁ ଖାଇ ବସିଲେ ।

ସେହି ଦିନ ରାତି । ସମସ୍ତେ ଖାଇ ପିଇ ଶୋଇଲେ । ମାଳତୀ କାମଦାମ ସାରି ଗୋଡ଼ ଚିପି ଚିପି ମହେନ୍ଦ୍ର ବାବୁଙ୍କ ଘରକୁ

Digitized by srujanika@gmail.com

ଆସିଲା । ସେତେବେଳେ ଯାଏ ମହେନ୍ଦ୍ର ବାବୁଙ୍କ ଆଖିକୁ ନିଦ ଆସି ନ ଥିଲା । ମାଳତୀ ଖଟ ପାଖରେ ଠିଆ ହୋଇଯିବାରୁ, ମହେନ୍ଦ୍ର ବାବୁ ତା ହାତ ଧରି ତାଙ୍କ ଉପରକୁ ଟାଣି ନେଲେ । ମାଳତୀ ଟେହ୍ଲେଇ ହୋଇ କହିଲା—"ନା, ନା, ଆଜି ଥାଉ । ତମେ ପରା ଆମ ସ୍ୱାମୀବାବାଙ୍କର ଶିଷ୍ୟ ହେବ । ସେଥିପାଇଁ ଆମ ସ୍ୱାମୀବାବାଙ୍କ ପାଖକୁ ଗୋଟାଏ ଖବର ଦେବାକୁ ମୋର ଜଣଙ୍କ ସଙ୍ଗରେ ଟିକିଏ କାମ ଅଛି । ଆପଣ କବାଟ ଖୋଲି ଶୁଅନ୍ତୁ । ମୁଁ ବାରି କବାଟ ଫିଟାଇ ଯାଉଛି, ଅଳ୍ପ ସମୟ ଭିତରେ ଫେରି ଆସିବି ।"

ମାଳତୀ ଉଠି ଠିଆ ହେଲା । ମହେନ୍ଦ୍ର ବାବୁ ଟିକିଏ କ'ଣ ଭାବି କହିଲେ—"ଆଚ୍ଛା ହଉ, ଚଞ୍ଚଳ ଫେରି ଆସିବ, ମୁଁ ଅନାଇଁ ବସିଛି ।" ମାଳତୀ ମହେନ୍ଦ୍ର ବାବୁଙ୍କ କବାଟ ଆଉଜାଇ ବାହାରକୁ ଆସିଲା ।

ମହେନ୍ଦ୍ର ବାବୁଙ୍କୁ କଥାଟା କାହିଁକି ବଡ଼ ସନ୍ଦେହ ଲାଗିଲା । କେଉଁ ଲୋକ ପାଖକୁ ଖବର ଦିଆ ନିଆ ଚାଲିଛି, ତାହା ଜାଣିବା ନିତାନ୍ତ ଦରକାର ବୋଲି ମହେନ୍ଦ୍ର ବାବୁ ଶୀଘ୍ର ଗୋଟାଏ କଳା କୋଟ ପିନ୍ଧି ମାଳତୀ ପଛେ ପଛେ ଚାଲିଲେ । ମାଳତୀର କେଉଁ ଆଡ଼କୁ ଦୃଷ୍ଟି ନାହିଁ । ସେ ବିଜୁଳି ବେଗରେ ଅନ୍ଧାର ଭିତରେ ଆଗକୁ ମାଡ଼ି ମାଡ଼ି ଚାଲିଛି ।

ତେଲଙ୍ଗାବଜାର ବେଶ୍ୟା ପଡ଼ା ପଡ଼ିଲା । ମାଳତୀ ଚଟ୍ କରି ଜଣକ ପିଣ୍ଡାକୁ ଉଠି ଯାଇଁ କବାଟରେ ଏକ ରକମ ସଙ୍କେତ ଦେଲା । ମହେନ୍ଦ୍ର ବାବୁ ଯେତି ମୁହୂର୍ତ୍ତେ ମାତ୍ର ଅପେକ୍ଷା ନ କରି ଆଗକୁ ଚାଲିଗଲେ । ଅଳ୍ପ ଦୂରରେ ଠିଆ ହୋଇ ଅନାଇଁଲେ—ଲଣ୍ଠନଟା କମାଇ ଗୋଟାଏ ମାଇକିନିଆ ଆସି କବାଟ ଫିଟାଇ ଦେଲା । ମାଳତୀ ଭିତରକୁ ପଶିଯିବା ସଙ୍ଗେ ସଙ୍ଗେ ପୁଣି କବାଟ ବନ୍ଦ ହେଲା । ମହେନ୍ଦ୍ର ବାବୁ ଆଉ ସେଠି ବେଶୀ ସମୟ ଅପେକ୍ଷା

Digitized by srujanika@gmail.com

କଲେ ନାହିଁ । ସେ ଘରଟା ଭଲ କରି ଚାହିଁ, କାଳେ ମାଳତୀ ଦେଖିଲେ ସର୍ବନାଶ ହେବ ବୋଲି, ଧଇଁ ସଇଁ ହୋଇ ସେହି ଅନ୍ଧାର ଭିତରେ ନିଜ ଶୋଇବା ଘରକୁ ଫେରି ଆସିଲେ ।

ମହେନ୍ଦ୍ର ବାବୁ ବିଛଣାରେ ଚଢ଼ି କପରି ଏ ସବୁ ଧରା ପଡ଼ିବ ସେହି କଥାହିଁ ଭାବୁଛନ୍ତି, ମାଳତୀ ଧଇଁ ସଇଁ ହୋଇ ଆସି ସେ ଘରେ ଠିଆ ହୋଇଗଲା । ମହେନ୍ଦ୍ର ବାବୁ ତାକୁ ଦେଖି ଚକାଇ ଚୂପି ହୋଇ କହିଲେ—"ଖୁବ୍ ଚଞ୍ଚଳ ତ ଫେରି ଆସିଲ ! ମୁଁ ଭାବିଥିଲି ଅନେକ ଡେରି ହେବ ବୋଲି ।" ମାଳତୀ କହିଲା—"ଆଉ ଟିକଏ ରହିଥାନ୍ତି, ଆପଣ କାଳେ ଶୋଇ ପଡ଼ିବେ, ସେଥିପାଇଁ ଚଞ୍ଚଳ ପଳାଇ ଆସିଲି ।" ମହେନ୍ଦ୍ର ବାବୁ ହସି ଦେଇ କହିଲେ—"ତମରି ପାଇଁ ତ ମୋ ଆଖିକୁ ନିଦ ନାହିଁ ।"

ମାଳତୀ ଖଟ ଉପରକୁ ଉଠି ମହେନ୍ଦ୍ର ବାବୁଙ୍କ ଗୋଡ଼ ଘସି ଦେଉଁ ଦେଉଁ କହିଲା—"ଆଜି ଯେଉଁ ଫଟଟି ଆଣିଛନ୍ତି, ସେ ଫଟଟି ସ୍ୱାମୀବାବା ଦେଖିଲେ ତୁମକୁ ଭାରି ଖୁସି ପାଇବେ—ତୁମେ ପ୍ରକୃତ ଶିଷ୍ୟ ବୋଲି ଜାଣିବେ ।" ମହେନ୍ଦ୍ର ବାବୁ କହିଲେ—"ମୁଁ ତ ସେଇଥିପାଇଁ ଆଣିଛି । ମୋତେ ଚଞ୍ଚଳ ସେଠିକୁ ନ ନେଲେ, ଏଠି ମୋର ମନ ଥୟ ହେଉନାହିଁ । ଗୃହକର୍ମ ବାହାର୍ମ ସବୁ ବିଷ ପରି ଲାଗିଲାଣି ।" ମାଳତୀ କହିଲା—"ହଁ ଲାଗିବାର କଥା । ସେଠିକୁ ଯିଏ ଥରେ ଯାଏ, ସେ ସ୍ୱର୍ଗ ସୁଖ ପାଏ, ଆଉ ଏଠିକୁ ଫେରିବାକୁ ଆଶା କରେ ନାହିଁ । ପୁରୁଷମାନଙ୍କର କ'ଣ ଅଭାବ ସେଠି ? ଖାଇବା ପିଇବା ପାଇଁ ଭଣ୍ଡାରରେ ଅସରନ୍ତି ପଦାର୍ଥ ପୂର୍ଣ୍ଣ ରହିଛି । ଏତିକି ନୁହେଁ—ଯେଉଁ ସ୍ୱର୍ଗର ଅପ୍ସରା ପରି ତରୁଣୀ ଅଛନ୍ତି, ଆପଣ ଦେଖିଲେ ଆଖି ଝଲସିଯିବ । ମୋ କଥା ମିଛ କି ସତ, ନିଜେ ଗଲେ ତ ଦେଖିବେ ।"

Digitized by srujanika@gmail.com

ମହେନ୍ଦ୍ର ବାବୁ ଅଭିମାନ କଲାପରି କହିଲେ—"ମୁଁ ପର୍ଶୁ ସେଦିନୁ କହୁଛି, ମୋତେ ନେଇ ଗଲ । କାହିଁ, ଏ ପର୍ଯ୍ୟନ୍ତ ତ ମୋତେ ନେଲ ନାହିଁ ।" ମାଳତୀ ହସି ଦେଇ କହିଲା—"ଏତେ ବ୍ୟସ୍ତ କାହିଁକି ? ଆଉ ବେଶୀ ହେଲେ ତିନି ଚାରିଦିନ ଡେରି ହେବ ।" ମହେନ୍ଦ୍ର ବାବୁ ଦୀର୍ଘନିଶ୍ୱାସ ମାରି କହିଲେ—"ହଉ, ଏଥର ଦେଖାଯାଉ ।"

ରାତି ପ୍ରାୟ ଦୁଇଟା ହେବ । ମାଳତୀ ହସି ଦେଇ ସାରି ଶୋଇଥିଲା ହୋଇ କହିଲା—"ଢେର ନିଦ ମାଡ଼ିଲାଣି । ବାହାରକୁ କାଲେ କଏ ପରିସ୍ରା କରି ଉଠିବେ, ଅଳ୍ପ ଆଲୁଅ ଦେଖାଯାଉଛି ।" ମହେନ୍ଦ୍ର ବାବୁ ତାକୁ ଠଙ୍ଗାରେ ପେଲିଦେଇ କହିଲେ—"ହଉ ?"

× × × ×

ମାଳତୀ ସେ ବେଶ୍ୟା ଘରକୁ ଗଲା ପରଠୁଁ ମହେନ୍ଦ୍ର ବାବୁଙ୍କ ମନ ଆଉ ଥୟ ହେଉ ନାହିଁ । ସେ ଭଲକରି ଅନୁମାନ କରି ନେଇଛନ୍ତି ଯେ କାଲି ସେଇଁ ନଈ ଆର ପାରିରେ ହତ୍ୟାକାଣ୍ଡ ଘଟିଯାଇଛି, ଯେଉଁ ହତ୍ୟାକାଣ୍ଡ ପଛରେ ଏହି ଡକାୟତି ଦଳ ନିଶ୍ଚୟ ଅଛନ୍ତି । କେବେ ସେ ବେଶ୍ୟାଘରକୁ ଯାଇଁ ସବୁ କଥା ବୁଝିବେ ସେହି କଥାହିଁ ଭାବୁଥାନ୍ତି ।

ଦୁଇଦିନ ପରେ ମହେନ୍ଦ୍ର ବାବୁ ପ୍ରାଣଧନ ବାବୁଙ୍କ ଘରେ ସମସ୍ତଙ୍କୁ ଜଣାଇ ଦେଲେ ଯେ, ସେ ଦିନକ ପାଇଁ ବିଶେଷ ଜରୁରୀ କାମରେ ସାକ୍ଷୀଗୋପାଳ ଯିବେ । ଝିଅ ବିଦାୟ କଲା—"ଭଲ ପରଉ ଆସିବାକୁ । ସୁରବାଳା ଦୁଇଟଙ୍କା ଦେଇ ବିଦାୟ କଲେ—"ଦୁଧସର ଭୋଗ କରି ଆଣିବାକୁ ।" ମାଳତୀ ତାଙ୍କ ବିଛଣା ପତର ସଜାଡ଼ୁ ସଜାଡ଼ୁ କହିଲା—"ସେଠି କେତେ ଦିନ ରହିବେ ?" ମହେନ୍ଦ୍ର ବାବୁ ତା' ବାହାଟିକୁ ଚେଇଁରେ ଚିପି ଦେଇ କହିଲେ—"ଛୁଟି ମିଳିଲା ନାହିଁ । ମୋଟେ ଦିନେ ରହିବି । ମା କାଳୀଙ୍କ କୃପା ମେ ର ଆଉ

Digitized by srujanika@gmail.com

କେଉଁ ଦେବତା ଉପରେ ବିଶ୍ୱାସ ନାହିଁ । ଜଣେ ବନ୍ଧୁଙ୍କ ସହିତ ଦେଖା କରି ଫେରି ଆସିବି ।"

ତହିଁ ଆରଦିନ ସକାଳୁ ମହେନ୍ଦ୍ର ବାବୁ ଘୋଡ଼ା ଗାଡ଼ିଟିଏ ଡାକି ଷ୍ଟେସନ ବାହାରିଲେ; କିନ୍ତୁ ସାକ୍ଷୀଗୋପାଳ ନ ଯାଇ ଫେରି ଆସିଲେ କଟକର ଅନ୍ୟ ଜଣେ ପୋଲିସ୍ ବନ୍ଧୁଙ୍କ ଘରକୁ । ଖାଇ ପିଇ ଦିନ ତମାମ୍ ସେଇଠି ଶୋଇଲେ । ଗୋଟାଏ ଗଉଡ଼କୁ ଡାକି ଦୁଧସର, ଦହିବେଡ଼ି ଦୁଇଟଙ୍କାର ବରାଦ କରିଦେଲେ । ପୋଲିସ୍ ବାବୁଙ୍କ ଚାକରକୁ ପଠାଇ ବଜାରରୁ ଭଲ ପଇଡ଼ କିଣି ଆଣି ରଖିଲେ ।

ରାତି ହେଲା । ମହେନ୍ଦ୍ର ବାବୁ ସିନେମା ଦେଖି ଯିବା ବାହାନାରେ ନ'ଟା ବେଳେ ଘରୁ ବାହାରିଗଲେ, ଆଉ ତାଙ୍କ ଘରେ କହିଗଲେ—"ମୁଁ ଜଣେ କଲେଜ ବନ୍ଧୁଙ୍କ ସହିତ କଲେଜ ହଷ୍ଟେଲ ଯାଇ ପାରେ । ମୋତେ ଅପେକ୍ଷା ନ କରି କବାଟ ଦେଇ ଦେବେ ।"

ଏଗାରଟା ସମୟ ହେବ, ମହେନ୍ଦ୍ର ବାବୁ ଗୋଟାଏ ରିକ୍ସାରେ ମହାନଦୀ ଆଡ଼େ ବୁଲି ବୁଲି ଆସି ତେଲିଙ୍ଗାବଜାର, ଯେଉଁଠି ବେଶ୍ୟା, ଦୁଆର ମୁହଁରେ ରିକ୍ସା ଅଟକାଇଲେ । ରାସ୍ତାର ଗହଳି ଚହଳି କମି ଯାଇଥିଲା । ମହେନ୍ଦ୍ର ବାବୁ ରିକ୍ସାବାଲାକୁ ପଇସା ଦେଇ ବେଶ୍ୟାଘର ପିଣ୍ଡା ଉପରକୁ ଉଠି କବାଟ ଖଟ୍ ଖଟ୍ କଲେ । ଅଳ୍ପ ସମୟ ପରେ ଗୋଟିଏ ତରୁଣୀ ନିଶା ଖାଇଲା ପରି ଢଳଢଳ ଆସି କବାଟ ଫିଟାଇ ଦେଇ ମୃଦୁ ହସ ପଚାରିଲା—"କ'ଣ କହୁଛନ୍ତି ? ଭିତରକୁ ଆସନ୍ତୁ ।"

ମହେନ୍ଦ୍ର ବାବୁ ଦାଣ୍ଡଘର ଭିତରେ ପଶିଯାଇ କହିଲେ—"ଆଉ କ'ଣ କହିବି ? ଆଜି ରାତିକ ଏଠି ମୁଁ ରହିବି । ଘର ମୋର ପୁରୀ । ଏଠି ଜଣେ ବନ୍ଧୁଙ୍କ ସାକ୍ଷାତ ପାଇଁ ଆସିଥିଲି; କିନ୍ତୁ ଯୋଗକୁ ସେମାନେ ଆଜି ବସାରେ ନାହାନ୍ତି—ଭୁବନେଶ୍ୱର

Digitized by srujanika@gmail.com

ଯାଇଛନ୍ତି । ଜଣେ ଚିହ୍ନା ଦୋକାନୀ ପାଖରେ ବାକ୍ସଟା ପକାଇ ରଖି ଦେଇ ଆସିଛି । ରାତିଟା ଏଇଠି କଟେଇ ଦେବ । କାଲି ସକାଳେ ହୁଏତ ଧର୍ମଶାଳା, ନଚେତ୍ ବସା ଘରଟାଏ ଦିନକ ପାଇଁ ଭଡ଼ା ନେଇ ରହିବ ।"

ତରୁଣୀଟି ଟିକିଏ କ'ଣ ଭାବି, କହିଲା—"ଆଜି ଘରେ ବହୁତ ଲୋକ ଅଛନ୍ତି, ଆପଣଙ୍କୁ ବୋଧହୁଏ ଟିକିଏ ଅସୁବିଧା ହେବ ।"

ମହେନ୍ଦ୍ର ବାବୁ ତା' କାନ୍ଧରେ ହାତ ପକାଇ କହିଲେ ଯାହା ହେଉ ଆଉ କ'ଣ କରାଯିବ ! ଏହା କହି ପକେଟରୁ ପାଞ୍ଚଟଙ୍କିଆ ଖଣ୍ଡେ ନୋଟ ତା' ହାତକୁ ବଢ଼ାଇ ଦେଲେ । ତରୁଣୀଟି ହସି ଦେଇ କହିଲା—"ପଡ଼ାର ଅନ୍ୟାନ୍ୟ ବେଶ୍ୟାଙ୍କ ପରି ଏଠି କେହି ନାହାନ୍ତି । ଏଠି ଯିଏ ରହିବ ତାକୁ ଦଶଟଙ୍କାରୁ କମ୍ ପଡ଼ିବ ନାହିଁ । ସେହି ଟଙ୍କାକୁ ବି ଆମେ ସବୁ ନେବୁ ନାହିଁ । ମଦ, ମାଂସ ଇତ୍ୟାଦି ବି ଆପଣଙ୍କୁ ଦେବୁ ।"

ମହେନ୍ଦ୍ର ବାବୁ କହିଲେ—"ସେ ସବୁ ମୋର କିଛି ଦରକାର ନାହିଁ । ମୁଁ ଖାଲି ରାତିଟା ପାଇଁ ରହିବି । ହଉ ନିଅ, ଆଉ ପାଞ୍ଚଟଙ୍କା ।" ତରୁଣୀଟି ଟଙ୍କା ଧରି ଭାରି ଖୁସି ହୋଇ କହିଲା—"ସବୁ ପୁରୁଷ-ମାନଙ୍କର ପ୍ରଥମେ କିଛି ଦରକାର ନ ଥାଏ, ପୁଣି ପଛରେ ସବୁ ଦରକାର ହୁଏ ଯେ । ହଉ, ଏଇ ଚେୟାର ଉପରେ ଟିକିଏ ବସନ୍ତୁ, ମୁଁ ଘରଆଡ଼ୁ ସଙ୍ଗେ ସଙ୍ଗେ ଆସୁଛି ।"

ତରୁଣୀଟି ଚାଲିଗଲା । ମହେନ୍ଦ୍ର ବାବୁ ସେଇଠି କେତେ କଥା ଭାବୁଥାନ୍ତି । କିଛି ସମୟ ପରେ ତରୁଣୀଟି ଫେରି ଆସିଲା, ଆଉ କହିଲା—"ଆପଣ ମୋ ସଙ୍ଗେ ସଙ୍ଗେ ଆସନ୍ତୁ ।" ମହେନ୍ଦ୍ର ବାବୁ ତା'ର ପଛେ ପଛେ ଏପାଖ ସେପାଖ ଅନାଇଁ ଅନାଇଁ ଚାଲିଥାନ୍ତି । ଉପରେ ଟଙ୍ଗା ଗଲା । ମହେନ୍ଦ୍ର ବାବୁ ଦେଖିଲେ—"ସବୁ ଘରର କବାଟ ବନ୍ଦ । ଭିତରେ ଆଲୁଅ ଜଳୁଛି ।"

Digitized by srujanika@gmail.com

ଉପର ଝଞ୍ଜା ଯାଇ ତଳ ଝଞ୍ଜା ହେଲା—ତରୁଣୀଟି ଗୋଟିଏ କୋଠରୀ ଦେଖାଇ କହିଲା—"ଖଟ ଉପରେ ବିଛଣା ଇତ୍ୟାଦି ହୋଇଛି, ଆପଣ କମିଜ ପବ ଓହ୍ଲାଇ ସେଇଠି ବସନ୍ତୁ । ମୁଁ ଟିକଏ ଛୁଡ଼ି ଆସୁଛି ।" ତରୁଣୀଟିର ବିଶେଷ ଜରୁରୀ କାମ ଥିଲା ପରି ଚାଲିଗଲା ।

ମହେନ୍ଦ୍ର ବାବୁ ଖଟ ଉପରେ ବସି କୋଠରୀଟିର କାନ୍ଥ ବାଡ଼ ଆଡ଼େ ଅନାଇଁ ବିଛଣା ଆଡ଼େ ଅନାଇଲେ । ଶୋଇବାକୁ ବଡ଼ ଘୃଣା ଲାଗିଲା କିନ୍ତୁ ଉପର ଧୋବ ଚଦର ଖଣ୍ଡିକ ପରୀକ୍ଷା କରି ଦେଖିଲେ ଯେ, ବର୍ତ୍ତମାନ ପେଡ଼ିରୁ ବାହାରିଲା ପରି ହୋଇଛି । ନ ଶୋଇଲେ ଆଉ ଉପାୟ ନାହିଁ । ଯେତେବେଳେ ଗୃହକର୍ତ୍ତ୍ରୀ କରିଛନ୍ତି, ତାଙ୍କୁ ସବୁ କରିବାକୁ ହିଁ ହେବ ।

ମହେନ୍ଦ୍ର ବାବୁ ବିଛଣାରେ ଶୋଇ ଡକାୟତ ଦଳର କଥା ଭାବୁଛନ୍ତି । ଏହି ସମୟ ମଧ୍ୟରେ ଅନ୍ୟ ଗୋଟିଏ ତରୁଣୀ ଖଣ୍ଡେପ୍ଲେଟରେ ମାଂସ, କାଚ ଗ୍ଲାସ, ଆଉ ମଦ ବୋତଲଟିଏ ଧରି ସେ ଘରକୁ ପଶି ଆସିଲା । ମହେନ୍ଦ୍ର ବାବୁ ଉଠି, ବସି ପଡ଼ିଲେ । ତରୁଣୀଟି ଲାଜ ଲାଜ ହୋଇ ତଳେ ସଜଡ଼ ଖଣ୍ଡିଏ ପାରି ତା' ଉପରକୁ ସବୁ ରଖିଲା । ତା' ପରେ ମହେନ୍ଦ୍ର ବାବୁଙ୍କ ଦେହକୁ ଲାଗିଯାଇ ହାତ ଧରି ହସି ହସି କହିଲା—"ଆସନ୍ତୁ ?" ମହେନ୍ଦ୍ର ବାବୁ କହିଲେ—"ମୁଁ ତ ଏ ସବୁ ଖାଏ ନାହିଁ ।" ତରୁଣୀଟି କହିଲା—"ଆଜ୍ଞା', ମାଂସ ଖାଆନ୍ତୁ । ଏଥିରୁ ଆଜି ଟିକଏ ଖାଇଲେ ଆଉ ମନ ଛାଡ଼ିବ ନାହିଁ ଯେ ।"

ମହେନ୍ଦ୍ର ବାବୁ କ'ଣ କରିବେ, ତାଙ୍କୁ ବୁଦ୍ଧି ଦେଖାଗଲା ନାହିଁ । ବେଶ୍ୟା ହାତରୁ ସେ ଖାଇବେ । ଛି, ଛି, ! ଧର୍ମ ନଷ୍ଟ ହୋଇଯିବ; କିନ୍ତୁ ଆଗରେ କର୍ତ୍ତବ୍ୟ !!

Digitized by srujanika@gmail.com

ତରୁଣୀଟି ପୁନର୍ବାର ଟାଣିଲା କ୍ଷଣି ମହେନ୍ଦ୍ର ବାବୁ ବାଧ୍ୟ ହୋଇ ତଳକୁ ଆସି ସତ୍ତପ ଉପରେ ବସିଲେ । ତରୁଣୀଟି ତାଙ୍କ କର ପାଖରେ ନିଜ ସ୍ତ୍ରୀ ପରି ବସି ଆଦର କରି ହସି ହସି କହିଲା— "ଜୋଇଁକୁଣିଆ ପରି ବସିଲେ କାହିଁକି ? ଖାଆନ୍ତୁ !" ମହେନ୍ଦ୍ର ବାବୁ ହସିଦେଇ ତା' କାନ୍ଧରେ ହାତ ପକାଇ କହିଲେ—"ତମେ ତ ଅଣି ମୋତେ ଏତେ କଥା ଦେଲଣି, ମୁଁ ତ ତମ ନାଁ ସୁଦ୍ଧା ଜାଣିଲି ନାହିଁ ।"

ତରୁଣୀଟି ତାଙ୍କ ଉପରକୁ ଆଉଜି ପଡ଼ିଲା ପରି ହୋଇ କହିଲା—"ମୋ ନାଁ, ସରୋଜ ।"

ମହେନ୍ଦ୍ର ବାବୁ ମୃଦୁ ହସି, ତା' ଓଠରେ ହାତ ମାରି ଦେଇ କହିଲେ—"ବେଶ୍ ନାଁ ତ ! ନା ସାଙ୍ଗକୁ ରୂପଟି ବି ବେଶ୍ ଖାପ୍ ଖାଉଛି ।"

ରୂପର ମୋହ—ରୂପର ପ୍ରଶଂସା, ସମସ୍ତଙ୍କର ଶୁଣିବାକୁ ଇଚ୍ଛା ଥାଏ । ଜଣେ ଜଣଙ୍କର ରୂପର ପ୍ରଂଶସା କଲେ; ସେ ଜଣକ କ୍ଷଣକ ପାଇଁ ଦୁନିଆକୁ ଭୁଲିଯାଏ··ଆନନ୍ଦରେ ଗୁଡ଼ି କୁଣ୍ଡେ ମୋଟ ହୋଇଯାଏ । ତରୁଣୀଟି ବେଶ୍ୟା ହେଲେ ବି ତାର ତ ପୁଣି ରକ୍ତ ମାଂସରେ ଦେହ ଗଢ଼ା ! ମହେନ୍ଦ୍ର ବାବୁଙ୍କ ଠାରୁ ରୂପର ପ୍ରଶଂସା ଶୁଣି, ତରୁଣୀଟି ନିଜର ପରି ହୋଇ କହିଲା—"ଆପଣ ବସିଲେ କାହିଁକି, ଆଗେ ଖାଆନ୍ତୁ ! ପଛେ କଥାବାର୍ତ୍ତା ହେବ ।" ମହେନ୍ଦ୍ର ବାବୁ ତା' ପାଖରେ ଆଗ୍ରହ ଦେଖାଇ ଅନିଚ୍ଛାରେ ପାଟିକୁ ଖଣ୍ଡେ ମାଂସ ନେଇ ଗୋଵାଇଲେ । ତରୁଣୀଟି ସଙ୍ଗେ ସଙ୍ଗେ ବୋତଲ ଫିଟାଇ ଅଧଗ୍ଲାସ ମଦ ଢାଳି କହିଲା—"ଏଥିରୁ ଟିକିଏ ଖାଆନ୍ତୁ, ଆଜ ତାର କେମିତିକା ମଜା ବୁଝିବେ ।"

ମହେନ୍ଦ୍ର ବାବୁ ନ ଖାଇବା ବାହାନାରେ ଗ୍ଲାସଟି ମୁହଁ ପାଖରେ ଧରି ବାନ୍ତି କଲାପରି ହୋଇ ବାହାରକୁ ଉଠି ଆସିଲେ । ପିଣ୍ଡାରେ ପାଣି କୋଠାଏ ଥୁଆ ହୋଇଥିଲା । ମାଂସ ଖଣ୍ଡକ ପାଟିରୁ

Digitized by srujanika@gmail.com

ବାହାର କରି ମୁହଁ ଭଲ କରି ଧୋଇ ପକାଇଲେ । ତା' ପରେ ଉଠିଯାଇଁ ସେହି ତରୁଣୀଟି ପାଖରେ ବସିଲେ । ତରୁଣୀଟି ତାଙ୍କୁ କହିଲା—"ଆପଣ ଯୁ।ଙ୍କୁ ନ ଖାଆନ୍ତୁ ପଛକେ, ଏ ମାଂସତକ ଖାଇ ଦିଅନ୍ତୁ ।"

ମହେନ୍ଦ୍ର ବାବୁ ତା ପିଠିରେ ହାତ ବୁଲାଇ ସୋହାଗରେ କହିଲେ—"ସରୋଜ ! ମୁଁ ଅଧଘଣ୍ଟା ଆଗରୁ ହୋଟେଲରେ ଖୁବ୍ ଗୁଡ଼ାଏ ଖାଇ ଆସିଛି ! ତୁମେ ଏ ସବୁ ଖାଅ, ମୁଁ ନ ଖାଇଲେ କଣ ହେଲା । ତୁମେ ଖାଇଲେ ମୁ ଅତ୍ୟନ୍ତ ଖୁସି ହେବ ।" ତା' ପରେ ପକେଟରୁ ପୁଣି ପାଞ୍ଚଟା ଟଙ୍କା ତା' ହାତରେ ଧରାଇ ଦେଇ କହିଲେ "ଯିଏ ମୋଠାରୁ ଟଙ୍କା ନେଲେ—ସେ ବୋଧହୁଏ ତମକୁ କିଛି ଦେବେ ନାହିଁ, ମୁଁ ଲୁଚାଇ ଏ ଟଙ୍କା ତୁମକୁ ଦେଉଛି, ପାଖରେ ରଖି ଯେତେବେଳେ ଯାହା ଇଚ୍ଛା ଖର୍ଚ୍ଚ କରିବ ।"

ସରୋଜ ବଡ଼ କୃତଜ୍ଞତା ପ୍ରକାଶ କରି କହିଲା—"ଜୀବନରେ ଅନେକ ଜଣଙ୍କୁ ଦେଖିଛି, କିନ୍ତୁ ଆପଣଙ୍କ ପରି କାହାକୁ ଦେଖି ନାହିଁ ।" ମହେନ୍ଦ୍ର ବାବୁ କହିଲେ—"ଏ ସାମାନ୍ୟ ଟଙ୍କା ଦେଇ ମୁଁ ବି ଖୁସି ହୋଇ ପାରିଲି ନାହିଁ । ହଉ, ତମେ ଆଗେ ଖାଅ, ମୁଁ ଗ୍ଲାସରେ ଢ଼ାଳି ଦେଉଛି ।" ସରୋଜ ହସି ହସି ମାଂସ ତରକାରୀ ଖାଇଲା—ଆଉ ମହେନ୍ଦ୍ର ବାବୁ କାଚ ଗ୍ଲାସରେ ମଦ ଢ଼ାଳି ତା ହାତକୁ ବଢ଼ାଇ ଦେଉଥାନ୍ତି ।

ଖିଆ ଶେଷ ହେଲାବେଳକୁ ତରୁଣୀଟିକୁ ନିଶା ମାରି ଆସେ ଆସେ ତାର ବାହ୍ୟଜ୍ଞାନ ଶୂନ୍ୟ ହୋଇ ଆସୁଥିଲା । ମହେନ୍ଦ୍ର ବାବୁ ଏହା ଦେଖି ଭାବୁଥିଲେ···ଏଇ ସ୍ତ୍ରୀ ପୁଣି ଫୁଲଠାରୁ ଆହୁରି ପବିତ୍ର ହୁଅନ୍ତି···ପୁଣି ଏଇ ସ୍ତ୍ରୀ ନର୍କର କୀଟଠାରୁ ଅପବିତ୍ର ହୀନ ! ଛି ! ଛି !

ତରୁଣୀଟି ପ୍ଲେଟ୍‌ଟିକୁ ଅଗଣାରେ ଥୋଇ ଦେବାକୁ ଗଲା । ମହେନ୍ଦ୍ର ବାବୁ ଖଟ ଉପରେ ଆସି ବସିଲେ । କିଛି ସମୟ ପରେ

Digitized by srujanika@gmail.com

ତରୁଣୀଟି ମୁହଁ ହାତ ଧୋଇ ନିଶା ଜୋରରେ ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ଆସି ମହେନ୍ଦ୍ର ବାବୁଙ୍କ ଉପରେ ଆଉଜି ପଡ଼ିଲା । ମହେନ୍ଦ୍ର ବାବୁଙ୍କର ଇଚ୍ଛା ହେଉଥିଲା—ଗୋଇଠା ମାରି फୋପାଡ଼ି ଦେବେ; କିନ୍ତୁ ବିବେକ ମନା କଲା । ଏହା କଲେ ନିଜର ଉଦ୍ଦେଶ୍ୟ ଆଉ ସାଧନ ହୋଇ ପାରିବ ନାହିଁ ।

ମହେନ୍ଦ୍ର ବାବୁ ତରୁଣୀଟିକୁ କୋଡ଼ ଭିତରେ ଧରି ପଚାରିଲେ—"ଆଗେ ଯେଉଁ ସ୍ତ୍ରୀଟି ମୋତେ ଏ ଘରକୁ ଆଣିଥିଲା, ସେ ତମ ସୌନ୍ଦର୍ଯ୍ୟ ତୁଳନାରେ କିଛି ନୁହେଁ । ସେ ନିଜେ ନ ଆସି ମୋର କେଉଁ ସୌଭାଗ୍ୟକୁ ତୁମକୁ ପଠାଇଲା କେ'ଜାଣି !"

ତରୁଣୀଟି ହସି ଦେଇ କହିଲା—"ସେ କାହିଁକି ତମ ପାଖକୁ ଆଜି ଆସନ୍ତା ! ଯେଉଁମାନେ ଶହ ଶହ ଦେବେ, ତାଙ୍କ ପାଖରେ ଆଉ କିଏ ରହିବ ?" ମହେନ୍ଦ୍ର ବାବୁ ତାକୁ ଗୋଟିଏ ଚୁମ୍ବନ ଦେଇ ପଚାରିଲେ—"ଯେଉଁମାନେ ଶହ ଶହ ଦିଅନ୍ତି ସେମାନେ ଆଜି ଆସିଛନ୍ତି ନା କ'ଣ ?" ତରୁଣୀଟି କହିଲା—"ହଁ, ସେଇଥିପାଇଁ ପରା ସେ ଆସିଲା ନାହିଁ ।"

ଆଉ ବିଶେଷ କିଛି ପଚରାପଚରି କଲେ କାଳେ ସେ ତରୁଣୀଟି ସନ୍ଦେହ କରିବ, ସେଥିଭୟରେ ମହେନ୍ଦ୍ର ବାବୁ ଆଉ କିଛି ପଚାରିଲେ ନାହିଁ । ପରିସ୍ରା କରିଯିବା ବାହାନାରେ ପଦାକୁ ଆସିଲେ । ପୁଣି ଭିତରକୁ ଯାଇଁ ଦେଖିଲେ ତରୁଣୀଟି ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ଶୋଇଛି । ମହେନ୍ଦ୍ର ବାବୁ ତାକୁ ଆଦର କରି କହିଲେ—"ତୁମେ ଏଠି ଶୋଇବ, ନା ଯିବ ?" ତରୁଣୀଟି କହିଲା, "ନା, ଯିବ ।" ମହେନ୍ଦ୍ର ବାବୁ କହିଲେ—"ତାହାହେଲେ ଯାଅ, ତୁମକୁ ଭାରି ନିଦ ମାଡ଼ିଲାଣି ।" ତରୁଣୀଟି ଅନ୍ୟ ଉଦ୍ଦେଶ୍ୟରେ ଯିବାକୁ ଅମଙ୍ଗ ହେଉଥିଲା । ମହେନ୍ଦ୍ର ବାବୁ କହିଲେ—"ନା, ମୁଁ କିଛି ଭାବିବି ନାହିଁ, ତୁମେ ଯାଅ ।" ତରୁଣୀଟି ଚାଲିଗଲା ।

Digitized by srujanika@gmail.com

ରାତି ଗୋଟାଏ । ମହେନ୍ଦ୍ର ବାବୁଙ୍କ ଆଖିକୁ ନିଦ ନାହିଁ । ଉପର ଖଞ୍ଜାରେ ଫୁସ୍ ଫୁସ୍ ଶବ୍ଦ ଶୁଣି, ଦେଢ଼ି କବାଟ ଫାଙ୍କରେ ଗୋଡ଼ ଟିପି ଟିପି ଯାଇ ଅନାଇଁଲେ । ପ୍ରାୟ ସାତ ଆଠ ଜଣ ବିଶାଳକାୟ ଲୋକ, ଚାରିଜଣ ସ୍ତ୍ରୀଙ୍କ ସହିତ ଅଗଣାରେ ବସିଛନ୍ତି । ମଉଜ ମଜ୍‌ଲିସ୍‌ରେ ମଦ, ମାଂସ ଖିଆ ଚାଲିଛି । ଏହା ଦେଖି ମହେନ୍ଦ୍ର ବାବୁଙ୍କ ଛାତି ଫୁଲିଉଠିଲା । ଭାବିଲେ ସେ ଏହିକ୍ଷଣି ଏ ପାଚେରି ଡେଇଁ ଯାଇ ପୋଲିସକୁ ଖବର ଦେଇ ସବୁ ଧରା ପକାଇ ଦେବେ; କିନ୍ତୁ ନିଜର ପୂରା ଉଦ୍ଦେଶ୍ୟ ସାଧନ ହେବ ତ ! ଚୁପ୍ କରି ଶୋଇବା ଘରକୁ ଚାଲି ଆସିଲେ । ଭବିଷ୍ୟତର ଉଜ୍ଜ୍ୱଳ ଛବି ତାଙ୍କ ଆଖି ଆଗରେ ନାଚିଗଲା । ଯଦି ସେ ଏହି ଡକାୟତ ଦଳର ମୂଳପୋଛ କରି ପାରନ୍ତି……

× × × ×

ତହିଁ ଆରଦିନ ବଡ଼ଭୋରରୁ ମହେନ୍ଦ୍ର ବାବୁ ପୋଲିସ ବନ୍ଧୁଙ୍କ ଘରକୁ ଆସି ଦୁଧ ସର ଓ ପଇଡ଼ ଖାଇ ପ୍ରାଣଧନ ବାବୁଙ୍କ ଘରକୁ ଫେରି ଆସିଲେ ।

ପ୍ରଥମ ଭାଗ

—※ ସ ମା ପ୍ତ ※—

(ଏହା ପରେ ରହସ୍ୟମୟ ରକ୍ତାକ୍ତ ଦ୍ୱିତୀୟ ଖଣ୍ଡ ପଢ଼ନ୍ତୁ)

ମୁଦ୍ରାକର—ଶ୍ରୀ ଅରକ୍ଷିତ ଦାସ, ଦାଶରଥି ପ୍ରେସ, କଟକ—୧୯୬୨

Digitized by srujanika@gmail.com

ପ୍ରଥମ ଭାଗ

ଏକଟଙ୍କା ମାତ୍ର

Digitized by srujanika@gmail.com